## ସଂକ୍ଷେପରେ

### ପଦ୍ମକେଶରପୁର ଗୋଷ୍ଠୀ ସଂଘର୍ଷ ଘଟଣା
### ଆଉ ୩ ଅଭିଯୁକ୍ତ ଗିରଫ

ଭୁବନେଶ୍ୱର,୨୨।୭(ସତ୍ୟଜିତ୍ ରାଉତ): ଭୁବନେଶ୍ୱର ପଦ୍ମକେଶରପୁର ଗଣ୍ଡଗୋଳ ଓ ସୁଧ କାରବାର ମାମଲାରେ ମଞ୍ଚେଶ୍ୱର ଥାନା ପୋଲିସ ଆଉ ୨ ଅଭିଯୁକ୍ତଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଏହି ଗାଁ ତଳସାହିର ଚିତ୍ତରଞ୍ଜନ ଦାସ (୭୨), ସୌଭାଗ୍ୟ ରଞ୍ଜନ ଦାସ (୨୫) ଓ ଶୁଭଲକ୍ଷ୍ମୀ ଦାସ (୩୭)। ଅଭିଯୋଗକାରିଣୀ ସୁଧାରାଣୀ ଦାସଙ୍କ ଏତଲା ଆଧାରରେ ହୋଇଥିବା ମାମଲାରେ (ନଂ. ୩୫୪/୨୦୨୪) ଅଭିଯୁକ୍ତମାନଙ୍କୁ କୋର୍ଟଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ପରେ ସମସ୍ତଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଅନ୍ୟପକ୍ଷରେ ପ୍ରତିପକ୍ଷର ଅଭିଯୋଗ ଆଧାରରେ ହୋଇଥିବା ମାମଲା(ନଂ.୩୫୩/୨୦୨୪)ରେ ପୋଲିସ ପୂର୍ବରୁ ଅପର ଗୋଷ୍ଠୀର ୬ ଜଣଙ୍କୁ ଗିରଫ କରିଥିଲା। ଫଳରେ ଏହି ସଂଘର୍ଷ ଘଟଣାରେ ଗିରଫ ସଂଖ୍ୟା ୯କୁ ବୃଦ୍ଧି ପାଇଛି। ଫେରାର ଅଭିଯୁକ୍ତମାନଙ୍କୁ ଧରିବାକୁ ପୋଲିସ ପ୍ରୟାସ ଜାରି ରଖିଥିବା ସୂଚନା ଦିଆଯାଇଛି। ସୂଚନାଯୋଗ୍ୟ, ଜୁଲାଇ ୬ ରାତି ପ୍ରାୟ ସାଢ଼େ ୧୦ଟାରେ ଗାଁରେ ଗୋଷ୍ଠୀ ସଂଘର୍ଷ ହୋଇଥିଲା।

### ଦିବ୍ୟାଙ୍ଗଙ୍କ ତିନିଚକିଆ ଗାଡି ପୋଡ଼ି, ଅଭିଯୁକ୍ତ ଗିରଫ

ଭୁବନେଶ୍ୱର,୨୨।୭(ସତ୍ୟଜିତ୍ ରାଉତ): ୨ ହଜାର ଟଙ୍କା ନ ଫେରାଇବାରୁ ଜଣେ ଦିବ୍ୟାଙ୍ଗଙ୍କ ୩ ଚକିଆ ପେଟ୍ରୋଲ ରିକ୍ସା ଜାଳି ଦେଇଥିବା ଅଭିଯୁକ୍ତଙ୍କୁ ଖାରବେଳନଗର ଥାନା ପୋଲିସ ସୋମବାର ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ୟୁନିଟ-୯ ଲେନ-୧ରେ ରହୁଥିବା ଗଞ୍ଜାମ ଜିଲା ଆସ୍କା ଟାଉନ ଥାନା ଅଞ୍ଚଳର ଗୌତମ ମହାକୁଡ ଓରଫ ମୁନା (୪୦)। ତାଙ୍କଠାରୁ ଏକ ମୋବାଇଲ ଓ ସ୍କୁଟି ଜବତ ହୋଇଛି। ଅଭିଯୋଗକାରୀ ଫକିର ବେହେରା କ୍ୟାପିଟାଲ ହାଇସ୍କୁଲ କ୍ୟାମ୍ପସ ରୋଡ଼ ନଂ.୧ସ୍ଥିତ ଭଗବତୀ ବସ୍ତିରେ ରୁହନ୍ତି। ସେ ଦିବ୍ୟାଙ୍ଗ ହୋଇଥିବାରୁ ଏକ ତିନିଚକିଆ ପେଟ୍ରୋଲ ରିକ୍ସା ଚଳାନ୍ତି। ଉକ୍ତ ରିକ୍ସାଟିକୁ ଗତ ଜୁଲାଇ ୭ ରାତିରେ ନିଜ ଘର ଆଗରେ ପାର୍କିଂ କରିଥିଲେ। ଭୋର ସମୟରେ ଅଭିଯୁକ୍ତ ଜଣକ ତାଙ୍କ ତିନିଚକିଆ ଗାଡିରେ ନିଆଁ ଲଗାଇ ଦେଇଥିଲେ। ଅଭିଯୋଗ ପରେ ପୋଲିସ ମାମଲା (ନଂ.୩୦୫/୨୦୨୪) ରୁଜୁ କରି ତଦନ୍ତ କରିଥିଲା। ତଦନ୍ତ ବେଳେ ଜଣାପଡିଥିଲା, ଫକିର ଏବଂ ତାଙ୍କ ସ୍ତ୍ରୀ ଗୌତମଙ୍କୁ ୨ ହଜାର ଟଙ୍କା ଫେରାଇବାର ଥିଲା। ଗୌତମ ବହୁଥର ଅନୁରୋଧ କରିବା ପରେ ମଧ୍ୟ ସେମାନେ ଟଙ୍କା ଦେଉନଥିଲେ। ଫଳରେ ଗୌତମ ରାଗିଯାଇ ଏଭଳି କାଣ୍ଡ ଘଟାଇଥିଲେ। ତେବେ ଗୌତମଙ୍କ ନାମରେ ଖାରବେଳନଗର ଥାନାରେ ପୂର୍ବରୁ ୨ଟି ଆପରାଧିକ ମାମଲା ରହିଥିବା ଜଣାପଡିଛି।

# ପ୍ରଥମ ମହିଳା ଭେଣ୍ଡିଂଜୋନ୍‌ରେ ଶଟର ଉଠୁନି

## ବିଏମ୍‌ସିର ଲକ୍ଷ୍ୟ ଫେଲ୍, ୧.୨୦ କୋଟି ବରବାଦ

### ଏସ୍‌ଏଚ୍‌ଜି ମହିଳାଙ୍କୁ ମେୟରଙ୍କ ତାଗିଦା କାମ ଦେଲାନି

ଭୁବନେଶ୍ୱର, ୨୨।୭ (ବନ୍ଦନା ସେଠୀ)



ଭୁବନେଶ୍ୱର ମହାନଗର ନିଗମ ପକ୍ଷରୁ ୱାର୍ଡ ନଂ. ୬୫ ଅନ୍ତର୍ଗତ ଡୁମୁଡୁମା କମ୍ପୋପଲିସ୍ଠାରେ ୨୦୨୩ ଏପ୍ରିଲ୍‌ରେ ରାଜ୍ୟର ପ୍ରଥମ ମହିଳା ଭେଣ୍ଡିଂଜୋନ୍ ଖୋଲିଥିଲା। ମୁଖ୍ୟମନ୍ତ୍ରୀ କର୍ମ ତତ୍ପର ଅଭିଯାନ (ମୁକ୍ତା) ଅନ୍ତର୍ଗତ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍‌ଏଚ୍‌ଜି)ଙ୍କ ଦ୍ୱାରା ନିର୍ମିତ ଏହି ଭେଣ୍ଡିଂଜୋନ୍‌କୁ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍‌ଘାଟନ କରିଥିଲେ। ସହରର ୩ଟି ଜୋନ୍‌ର ଏସ୍‌ଏଚ୍‌ଜିଙ୍କୁ ଏଠାରେ ଦୋକାନ ଆବଣ୍ଟନ କରାଯାଇଥିଲା। ଏହାଦ୍ୱାରା ସେମାନେ ଉତ୍ପାଦନ କରୁଥିବା ଦ୍ରବ୍ୟକୁ ସିଧାସଳଖ ଗ୍ରାହକଙ୍କୁ ବିକ୍ରି କରିବା ସହ ବଜାର ଚାହିଦା ବିଷୟରେ ଅବଗତ ହୋଇପାରିବେ। ଏଭଳି ପ୍ରୟାସ ଅନ୍ୟମାନଙ୍କ ପାଇଁ ଏକ ଉଦାହରଣ ସାଜିବ ବୋଲି କୁହାଗଲା। ଏଥିସହ ୧.୨୦ କୋଟି ଟଙ୍କା ଖର୍ଚ୍ଚ କରି ନିର୍ମାଣ କରାଯାଇଥିବା ଭେଣ୍ଡିଂ ଜୋନ୍‌ରୁ ବିଏମ୍‌ସିକୁ ଭଲ ରାଜସ୍ୱ ମିଳିବ ବୋଲି ମଧ୍ୟ ଆଶା କରାଯାଉଥିଲା। ମାତ୍ର ଦୋକାନ ଆବଣ୍ଟନ ହେବାର ବର୍ଷେରୁ ଅଧିକ ସମୟ ଅତିକ୍ରମ କରିସାରିଥିଲେ ମଧ୍ୟ ଏଯାବତ୍ ମାର୍କେଟ ସମ୍ପୂର୍ଣ୍ଣ ଭାବେ ଖୋଲିପାରି ନାହିଁ। ୭୦ ପ୍ରତିଶତ ଦୋକାନରୁ ଶଟର ଉଠୁନି। ଦୋକାନ ଖୋଲୁ ନ ଥିବାରୁ ଗ୍ରାହକ ଆସୁ ନାହାନ୍ତି। ଫଳରେ ଭେଣ୍ଡିଂଜୋନ୍ ଏବଂ ଏହା ଆଖପାଖରେ ହୋଇଥିବା ସାଜସଜ୍ଜାର ରକ୍ଷଣାବେକ୍ଷଣ ନେଇ ମଧ୍ୟ କେହି ଚିନ୍ତା କରୁ ନାହାନ୍ତି।



### ମିଶନଶକ୍ତି, ଓରମାସ୍ ଦୋକାନ ଘରେ ବି ତାଲା ଝୁଲୁଛି

ଭେଣ୍ଡିଂଜୋନ୍‌ରେ ମୋଟ୍ ୪୧ଟି ଦୋକାନ ଘର ରହିଥିବାବେଳେ ସେଥିରୁ ୩୩ଟି ଦୋକାନକୁ ଏସ୍‌ଏଚ୍‌ଜି ମହିଳାଙ୍କୁ ବଣ୍ଟନ କରାଯାଇଥିଲା। ବାକି ଦୋକାନ ମଧ୍ୟରୁ ଗୋଟିଏକୁ ଅଫିସ୍ ଗୃହ ଏବଂ ଅନ୍ୟଗୁଡିକୁ ଓରମାସ୍, ମିଶନ ଶକ୍ତି ଆଦିକୁ ଦିଆଯାଇଥିଲା। ସରକାରୀ ମହିଳା ବ୍ୟବସାୟୀମାନେ ବିଭିନ୍ନ ଘରସଜ୍ଜା ସାମଗ୍ରୀ, ହାତତିଆରି ଖେଳଣା, ହାତତିଆରି ବଡ଼ି ପାମ୍ପଡଠାରୁ ଆରମ୍ଭ କରି ବିଭିନ୍ନ ଖାଦ୍ୟ, ମାଣ୍ଡିଆଜାତ ଦ୍ରବ୍ୟ, ମହିଳାଙ୍କ ଦ୍ୱାରା ପ୍ରସ୍ତୁତ ଧୂପକାଠି, ଫିନାଇଲ, ପା'ପୋଛ ସହ ବିଭିନ୍ନ ଘରକରଣା ଜିନିଷ ମିଳିବ ବୋଲି ଯୋଜନା ରହିଥିଲା। ମାତ୍ର ୧୦/୧୨ଟି ଦୋକାନକୁ ଛାଡିଦେଲେ ଆଉସବୁ ଦୋକାନରେ ଏବେ ବି ତାଲା ଝୁଲୁଛି। ଏପରିକି ମିଶନଶକ୍ତି ଏବଂ ଓରମାସ୍ ନେଇଥିବା ଦୋକାନ ମଧ୍ୟ ତାଲା ପଡିଛି।

ଅପରପକ୍ଷେ ବିଏମ୍‌ସି ମେୟର ଏନେଇ ବର୍ଷେ ତଳେ ସମ୍ପୃକ୍ତ ଏସ୍‌ଏଚ୍‌ଜି ଗ୍ରୁପ୍‌ର ସଦସ୍ୟଙ୍କୁ ନାଲିଆଖି ଦେଖାଇବା ସହ ତୁରନ୍ତ ଦୋକାନ ଖୋଲିବା ପାଇଁ ତାଗିଦ୍ କରିଥିଲେ। ଏପରିକି 'ଯଦି ପାରୁଛ ଦୋକାନ ଖୋଲ ନଚେତ୍ ଛାଡିଦିଅ, ବହୁତ ଲୋକ ଭେଣ୍ଡିଂଜୋନ୍ ନେବା ପାଇଁ ଚାହିଁ ବସିଛନ୍ତି' ବୋଲି କହିଥିଲେ। ୧୫ଦିନ ମଧ୍ୟରେ ଦୋକାନ ନ ଖୋଲିଲେ ଦୋକାନ ଆବଣ୍ଟନ ରଦ୍ଦ କରାଯାଇ ଅନ୍ୟ ହିତାଧିକାରୀଙ୍କୁ ଦିଆଯିବ ବୋଲି ଚେତାବନୀ ମଧ୍ୟ ଦେଇଥିଲେ। ମାତ୍ର ୧୫ଦିନ ଯାଇ ବର୍ଷେ ବିତି ସାରିଲାଣି, ଏପର୍ଯ୍ୟନ୍ତ ସମ୍ପୃକ୍ତ ଏସ୍‌ଏଚ୍‌ଜିମାନେ ଦୋକାନ ଖୋଲି ନାହାନ୍ତି କିମ୍ବା ବିଏମ୍‌ସି ମଧ୍ୟ ସେମାନଙ୍କର ଆବଣ୍ଟନ ରଦ୍ଦ କରିନାହିଁ, ଯାହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

### ଆଲର୍ଟମେଣ୍ଟ ରଦ୍ଦ ହେବ, ଭଡ଼ା ନ ଦେଲେ ମାମଲା

ବିଏମ୍‌ସିର ଭେଣ୍ଡିଂଜୋନ୍ ଆଣ୍ଡ କିଓସ୍କ ଡେପୁଟି କମିଶନର ଅଜୟ କୁମାର ମହାନ୍ତି କହିଛନ୍ତି, ୩୩ଜଣ ଏସ୍‌ଏଚ୍‌ଜିଙ୍କ ମଧ୍ୟରୁ ୮/୧୦ ଜଣଙ୍କୁ ଛାଡି ଅନ୍ୟମାନେ ଦୋକାନ ଖୋଲୁ ନାହାନ୍ତି। ବିଏମ୍‌ସିରେ ଆବେଦନ କରି ଦୋକାନ ଆଲର୍ଟମେଣ୍ଟ ନେଇ ଯାଉଛନ୍ତି କିନ୍ତୁ ପରେ ତାକୁ ଖୋଲି ପାରୁନାହାନ୍ତି। ତେବେ ଦୋକାନ ଖୋଲନ୍ତୁ ବା ନ ଖୋଲନ୍ତୁ ବିଏମ୍‌ସିକୁ ଭଡ଼ା ଦେବାପାଇଁ ସେମାନେ ବାଧ୍ୟ। ନଚେତ୍ ବିଏମ୍‌ସି ପକ୍ଷରୁ ଓପିଡିଆର୍ କେସ୍ କରାଯିବ। ସେହିପରି ଦୋକାନ ନ ଖୋଲିଲେ ସେମାନଙ୍କ ଆଲର୍ଟମେଣ୍ଟ ରଦ୍ଦ କରାଯିବା ସହ ନୂତନ ଆଲର୍ଟମେଣ୍ଟ କରାଯିବ। ଖୁବ୍‌ଶୀଘ୍ର ଟାଉନ୍ ପ୍ଲାନିଂ କମିଟି ମିଟିଂ କରି ଏନେଇ ନିଷ୍ପତ୍ତି ନିଆଯିବ ବୋଲି ଅଧିକାରୀ ସୂଚନା ଦେଇଛନ୍ତି। ତେବେ ଭଡ଼ା ଟଙ୍କା ନ ଦେବା ପର୍ଯ୍ୟନ୍ତ ସେମାନଙ୍କ ଆଲର୍ଟମେଣ୍ଟ ରଦ୍ଦ ହେବନାହିଁ ବୋଲି ମଧ୍ୟ ଅଧିକାରୀ କହିଛନ୍ତି। ତେଣୁ 'ଷାଠିଏ ମହଣ ଘିଅ ହବ ନା ରାଧା ନାଚିବ' ଭଳି ସ୍ଥିତିରେ ସମ୍ପୃକ୍ତ ଏସ୍‌ଏଚ୍‌ଜି ମହିଳାମାନେ ଦୋକାନ ନ ଖୋଲି ବିଏମ୍‌ସିକୁ ଭଡ଼ା ଦେବେନାହିଁ କି ବିଏମ୍‌ସି ମଧ୍ୟ ଆବଣ୍ଟନ ରଦ୍ଦ କରିବ ନାହିଁ ବୋଲି ଏକ ପ୍ରକାର ଆଶଙ୍କା ଦେଖା ଦେଇଛି। ଗୋଟେପଟେ ଦୋକାନ ନେଇ ତାହାକୁ ଖୋଲି ପାରୁ ନ ଥିବାବେଳେ ଅନେକ ହିତାଧିକାରୀ ଏବେ ବି ଭେଣ୍ଡିଂଜୋନ୍ ଟିଏ ପାଇବା ଆଶାରେ ଅପେକ୍ଷା କରି ବସିଛନ୍ତି। ସୂଚନାଯୋଗ୍ୟ, ହକି ବିଶ୍ୱକପ ପାଇଁ କମ୍ପୋପଲିସ ଏବଂ ଡୁମୁଡୁମାର ଅନେକ ଦୋକାନକୁ ଉଚ୍ଛେଦ କରାଯାଇଥିଲା। ଏଥିପାଇଁ ଅନେକ ଦୋକାନୀ ରୋଜଗାର ହରାଇଥିଲେ। ବିଏମ୍‌ସି ପକ୍ଷରୁ ନିର୍ମିତ ଏହି ଭେଣ୍ଡିଂଜୋନ୍‌ରେ ସମ୍ପୃକ୍ତ ଦୋକାନୀମାନଙ୍କୁ ଦୋକାନ ଖଣ୍ଡେ ମିଳିବ ବୋଲି ଆଶା କରାଯାଉଥିଲା। ମାତ୍ର କ୍ଷତିଗ୍ରସ୍ତ ଦୋକାନୀ କିମ୍ବା ତାଙ୍କ ପରିବାରର ମହିଳା ସଦସ୍ୟଙ୍କୁ ସେଠାରେ ଦୋକାନ କରିବା ପାଇଁ ସୁଯୋଗ ନଦେଇ ବିଏମ୍‌ସି ମନଇଚ୍ଛା ଏସଏଚଜିଙ୍କୁ ଭେଣ୍ଡିଂଜୋନ୍ ଆବଣ୍ଟନ କରିଥିଲା। ଯାହାକୁ ନେଇ ଉଠାଦୋକାନୀ ମହାସଂଘ ଆନ୍ଦୋଳନ କରିବା ସହ ବିରୋଧ କରିଥିଲା। କିନ୍ତୁ ବିଏମ୍‌ସି ଏହାକୁ ଅଣଦେଖା କରି ଏସ୍‌ଏଚ୍‌ଜିମାନଙ୍କୁ ଭେଣ୍ଡିଂଜୋନ୍ ଦେଇ ବାହା ବା ସାଉଁଟିଥିଲା। ମାତ୍ର ବିଏମ୍‌ସିର ଦୂରଦୃଷ୍ଟି ଅଭାବ କାରଣରୁ ଏବେ ଭେଣ୍ଡିଂଜୋନ୍‌ଗୁଡ଼ିକ ବନ୍ଦ ହୋଇ ପଡି ରହିଛି।



ଭୁବନେଶ୍ୱରରେ ସୋମବାର ହୋଇଥିବା ବର୍ଷାରେ ମହିଳାମାନେ ଛତାଧରି ଯାଉଛନ୍ତି।

### ଶିକ୍ଷା ସପ୍ତାହ ପ୍ରଥମ ଦିନରେ ଶିକ୍ଷଣ ସାମଗ୍ରୀ ଦିବସ



ଭୁବନେଶ୍ୱର, ୨୨।୭(ଅସମାପିକା ସାହୁ)

ଜାତୀୟ ଶିକ୍ଷା ନୀତି-୨୦୨୦ର ଚତୁର୍ଥ ବାର୍ଷିକ ପୂର୍ତ୍ତି ଅବସରରେ ରାଜ୍ୟର ବିଭିନ୍ନ ଶିକ୍ଷାନୁଷ୍ଠାନରେ ଶିକ୍ଷା ସପ୍ତାହ କାର୍ଯ୍ୟକ୍ରମ ସୋମବାର ଆରମ୍ଭ ହୋଇଛି। ଏହି କାର୍ଯ୍ୟକ୍ରମରେ ପ୍ରତ୍ୟେକ ଦିନକୁ ସ୍ୱତନ୍ତ୍ର ଭାବରେ ପାଳନ କରାଯିବ। ଏହି କ୍ରମରେ ପ୍ରଥମ ଦିନକୁ ଶିକ୍ଷଣ ସାମଗ୍ରୀ(ଟିଏଲ୍‌ଏମ୍) ଦିବସ ପାଳନ କରାଯାଇଛି। ସ୍ଥାନୀୟ ପ୍ରସଙ୍ଗ ଓ ଏହାକୁ ଶ୍ରେଣୀ ଗୃହରେ କିପରି ବ୍ୟବହାର କରାଯାଇପାରିବ ସେ ନେଇ ଶିକ୍ଷକଙ୍କୁ ପ୍ରଶିକ୍ଷିତ କରାଯାଇଛି। ଶିକ୍ଷଣ ସାମଗ୍ରୀ ଦିବସ ପାଳନ କରିବାର ଉଦ୍ଦେଶ୍ୟ ହେଲା ବିଦ୍ୟାର୍ଥୀଙ୍କ ଶିକ୍ଷଣ ପ୍ରକ୍ରିୟାକୁ ଆହୁରି ସହଜ କରିବା। ଏହି ପ୍ରକ୍ରିୟାରେ ଉଭୟ ଶିକ୍ଷକ ଓ ଅଭିଭାବକଙ୍କୁ ଅନ୍ତର୍ଭୁକ୍ତ କରାଯାଇଛି। ଶିକ୍ଷଣ ସାମଗ୍ରୀ ଦିବସ ଅବସରରେ ଛାତ୍ରୀଛାତ୍ର/ଶିକ୍ଷକମାନେ ପୋଷ୍ଟର ପ୍ରସ୍ତୁତି, ପଜଲ୍ସ, ଥ୍ରୀ-ଡି ମଡେଲ୍, ବୋର୍ଡ ଗେମ୍ସ, ୱାଲ ଚାର୍ଟ, ରିଡିଂ କ୍ଲବ୍, କାଗଜରେ କଣ୍ଢେଇ ପ୍ରସ୍ତୁତ କରିବା, ଲୁଡୋ ଖେଳ ପ୍ରସ୍ତୁତି ଆଦି ବିଷୟବସ୍ତୁକୁ ନେଇ ନିଜ ପ୍ରତିଭା ଦେଖାଇବା ସହ ପିଲାମାନେ ଲେଖିଥିବା କବିତା ଓ କାହାଣୀକୁ ପ୍ରଦର୍ଶନ କରିଥିଲେ। ଏହି ଦିବସ ଛାତ୍ରୀଛାତ୍ର/ଶିକ୍ଷୟିତ୍ରୀଶିକ୍ଷକ/ଅଭିଭାବକ ଓ ଗୋଷ୍ଠୀ ପାଇଁ ଏକ ସମ୍ମିଳିତ କାର୍ଯ୍ୟକ୍ରମ। ଶିକ୍ଷା ସପ୍ତାହ କାର୍ଯ୍ୟକ୍ରମ ଆସନ୍ତା ୨୮ ତାରିଖ ପର୍ଯ୍ୟନ୍ତ ଚାଲୁରହିବ।

## 'ଓସେପା ବ୍ଲକ୍‌ସ୍ତରୀୟ ହିସାବ ରକ୍ଷକ କର୍ମଚାରୀଙ୍କୁ ନିୟମିତ କରାଯାଉ'

ଭୁବନେଶ୍ୱର, ୨୨।୭ (ବନ୍ଦନା ସେଠୀ)

ରାଜ୍ୟରେ ଚୁକ୍ତିଭିତ୍ତିକ ଠିକା ପ୍ରଥା ଉଚ୍ଛେଦ ହୋଇଥିବାବେଳେ ୩୧୪ଟି ମଣ୍ଡଳ ଶିକ୍ଷା କାର୍ଯ୍ୟାଳୟରେ ଦୀର୍ଘ ୧୨ବର୍ଷ ଧରି ହିସାବ ରକ୍ଷକ କର୍ମଚାରୀମାନେ ଠିକାରେ ଓ ସ୍ୱଳ୍ପ ବେତନରେ କାମ କରୁଛନ୍ତି। ଏହି ପରିପ୍ରେକ୍ଷୀରେ ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ (ଓସେପା) ବ୍ଲକ୍‌ସ୍ତରୀୟ ହିସାବ ରକ୍ଷକ କର୍ମଚାରୀ ସେବା ସଂଘ ପକ୍ଷରୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି।

### ଗଣଶିକ୍ଷା ମନ୍ତ୍ରୀଙ୍କୁ ଦାବିପତ୍ର ଦେଲା ସଂଘ

ଠିକା ହିସାବ ରକ୍ଷକ କର୍ମଚାରୀଙ୍କୁ ଯଥାଶୀଘ୍ର ନିୟମିତ କରିବା, ସମାନ କାମକୁ ସମାନ ଦରମା ପ୍ରଦାନ, ରାଜ୍ୟ ଓ ଜିଲାସ୍ତରୀୟ ଓସେପା କର୍ମଚାରୀଙ୍କ ଭଳି ବ୍ଲକ୍‌ସ୍ତରୀୟ କର୍ମଚାରୀଙ୍କୁ ସମସ୍ତ ପ୍ରାପ୍ୟ ମିଳିବା ନେଇ ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ତେବେ ଏନେଇ ପୂର୍ବରୁ ଅନେକଥର ପୂର୍ବ ସରକାରଙ୍କୁ ଦାବିପତ୍ର ଦିଆଯାଇଥିଲେ ମଧ୍ୟ ସୁଫଳ ମିଳିନାହିଁ। ଓସେପାଙ୍କ ନିର୍ଦ୍ଦେଶକ୍ରମେ ରାଜ୍ୟ ଓ ଜିଲାସ୍ତରୀୟ କର୍ମଚାରୀମାନେ ୭ଷ୍ଠ ବେତନ ଏବଂ ଅନ୍ୟାନ୍ୟ ସରକାରୀ ସୁବିଧା ପାଉଥିବାବେଳେ ଏହା ବ୍ଲକସ୍ତରୀୟ କର୍ମଚାରୀଙ୍କ ପାଇଁ ମଧ୍ୟ ଉଦ୍ଦିଷ୍ଟ। ମାତ୍ର ବ୍ଲକସ୍ତରୀୟ ହିସାବ ରକ୍ଷକମାନଙ୍କୁ ଏହି ସୁବିଧାରୁ ବଞ୍ଚିତ କରାଯାଉଥିବା ସଂଘ ପକ୍ଷରୁ ଅଭିଯୋଗ କରାଯାଇଛି। ଯୁବନେତା ବିଶ୍ୱରଞ୍ଜନ ଜେନାଙ୍କ ନେତୃତ୍ୱରେ ସଂଘ ସଭାପତି ଶରତ କୁମାର ପଣ୍ଡା, ସମ୍ପାଦକ ଆନନ୍ଦ ପଣ୍ଡା ଓ ଅନ୍ୟମାନଙ୍କୁ ନେଇ ଗଠିତ ଏକ ପ୍ରତିନିଧି ଦଳ ଗଣଶିକ୍ଷାମନ୍ତ୍ରୀ, ଓସେପା ନିର୍ଦ୍ଦେଶିକା, ଶିକ୍ଷା ସଚିବ ଓ ବିଭିନ୍ନ ବିଧାୟକଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ।




ସ୍ଥାୟୀ ନିଯୁକ୍ତି ସହ ୭ ଦଫା ଦାବି ନେଇ ଓଡ଼ିଶା ଅନୁସୂଚିତ ଜନଜାତି ଓ ଜାତି ରୋଷେୟା ସେବାୟତ ମହାସଂଘ ପକ୍ଷରୁ ସୋମବାର ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ବିକ୍ଷୋଭ କରାଯାଉଛି।

## ସରକାର ଘର ଦେଲେ, ଲୋକେ ବସ୍ତି ଘର ଭଡ଼ା ଲଗାଇଲେ

ଭୁବନେଶ୍ୱର, ୨୨।୭ (ବନ୍ଦନା ସେଠୀ)

### ବିଡିଏ ନୀରବଦ୍ରଷ୍ଟା

- ଉଚ୍ଛେଦ ହେଉନି ଗଣ୍ଡମୁଣ୍ଡା ତାରିଣୀ ବସ୍ତି
- ଜବରଦଖଲ ବଢ଼ୁଛି, ଘର ନିର୍ମାଣ ଚାଲିଛି

ସରକାରୀ ଜମିରୁ ଜବରଦଖଲ ଉଚ୍ଛେଦ କରିବା ନେଇ ରାଜ୍ୟ ସରକାର ନିର୍ଦ୍ଦେଶ ଦେଇଥିବାବେଳେ ରାଜଧାନୀ ଭୁବନେଶ୍ୱରରେ ଦିନକୁ ଦିନ ଜବରଦଖଲ ବଢିଚାଲିଛି। ରାତି ପାହିଲେ ସରକାରୀ ଜମିରେ ବେଆଇନ ନିର୍ମାଣ ସହ ବସ୍ତି ଗଢି ଉଠୁଛି। ମାତ୍ର ସବୁ ଜାଣି ମଧ୍ୟ ବିଡିଏ କର୍ତ୍ତୃପକ୍ଷ କୌଣସି ପଦକ୍ଷେପ ନେଉ ନ ଥିବାରୁ ସହରରେ ବେଆଇନ ନିର୍ମାଣ ବୃଦ୍ଧି ପାଉଛି। ସହରର ଅନେକ ସ୍ଥାନରେ ଲୋକେ ସରକାରୀ ଜମି ଜବରଦଖଲ କରି ସ୍ଥାୟୀ ନିର୍ମାଣ କରୁଛନ୍ତି। ଶାମପୁର ମୌଜାରେ ଥିବା ବିଡିଏର ୬୮ ଏକର ସହ ଆଖପାଖରେ ବହୁ ସରକାରୀ ଜମି କବ୍‌ଜା ହୋଇସାରିଲାଣି। ଗୋଟେପଟେ ବିଡିଏ ଶାମପୁର ବିବାଦ ତୁଟାଇ ପାରୁ ନ ଥିବାବେଳେ ଏବେ ଗଣ୍ଡମୁଣ୍ଡାସ୍ଥିତ ତାରିଣୀ ବସ୍ତି ମୁଣ୍ଡବିନ୍ଧାର କାରଣ ପାଲଟିଛି। ପ୍ରାୟ ୨ରୁ ୪ ଏକର ସରକାରୀ ଜମିକୁ ଲୋକମାନେ କବ୍‌ଜା କରି ରଖିଥିଲେ ମଧ୍ୟ ବିଡିଏ ସେଥିରେ ହାତ ମାରି ପାରୁନାହିଁ। ସବୁଠାରୁ ବଡ଼ କଥା ହେଉଛି, ସମ୍ପୃକ୍ତ ବସ୍ତିରେ ୨୩୦ଟି ଘର ବା ପରିବାର ଥିବାବେଳେ ସେମାନଙ୍କ ମଧ୍ୟରୁ ୧୮୦ଟି ପରିବାରକୁ ଆଫର୍ଡେବଲ ହାଉସିଂ ପ୍ରୋଜେକ୍ଟ ଅନ୍ତର୍ଗତ ସୁବୁଦ୍ଧିପୁରରେ ଥଇଥାନ କରାଯାଇଛି। ବାକି ୫୦ଟି ପରିବାର ମଧ୍ୟରୁ କେହି କେହି ଘର ବାବଦରେ ଅଳ୍ପ ଟଙ୍କା ଡିପୋଜିଟ୍ କରି ଥିବାବେଳେ ଆଉ କେତେଜଣ ବିଲ୍‌କୁଲ୍ ଟଙ୍କା ପଇଠ କରି ନାହାନ୍ତି। ତେଣୁ ସେମାନଙ୍କୁ ବାଦ୍ ଦେଇ ବାକି ୧୮୦ଜଣଙ୍କ ଘରକୁ ଭାଙ୍ଗି ସମ୍ପୃକ୍ତ ସ୍ଥାନକୁ ଜବରଦଖଲମୁକ୍ତ କରିବା କଥା। ମାତ୍ର ସମ୍ପୃକ୍ତ ପରିବାର ବସ୍ତିରେ ଥିବା ଘର ଛାଡୁ ନାହାନ୍ତି। ସୁବୁଦ୍ଧିପୁରରେ ନିଜେ ରହୁଥିବାବେଳେ ତାରିଣୀ ବସ୍ତିରେ ଥିବା ଘରକୁ ଭଡ଼ାରେ ଲଗାଇ ସେଥିରୁ ରୋଜଗାର କରୁଛନ୍ତି। ତେଣୁ ୬ମାସରୁ ଊର୍ଦ୍ଧ୍ୱ ସମୟ ବିତିଯାଇଥିଲେ ମଧ୍ୟ ବିଡିଏ ଏଯାବତ୍ ସମ୍ପୃକ୍ତ ସ୍ଥାନକୁ ଉଚ୍ଛେଦ କରିପାରୁନି। ଏହା ଭିତରେ ଦିନକୁ ଦିନ ବସ୍ତିରେ ନୂଆନୂଆ ଘର ଗଢାଯାଉଥିବଲେ ମଧ୍ୟ ସବୁ ଜାଣି ବିଡିଏ କର୍ତ୍ତୃପକ୍ଷ ଚୁପ୍ ବସିଛନ୍ତି।

### ବଦଳି ଚିନ୍ତାରେ ଅଧିକାରୀ, ଉଚ୍ଛେଦ କରିବ କିଏ ?

ସରକାର ବଦଳିବା ପରେ ପ୍ରାୟ ସମସ୍ତ ବିଭାଗରେ ଅଧିକାରୀଙ୍କ ଅଦଳବଦଳ ପ୍ରକ୍ରିୟା ଆରମ୍ଭ ହୋଇଛି। ଗୃହ ଓ ନଗର ଉନ୍ନୟନ ବିଭାଗରେ ମଧ ସଚିବଙ୍କର ବଦଳି ହୋଇଛି। ତେବେ ପୁଣି କେଉଁ ଅଧିକାରୀ କେତେବେଳେ ବଦଳିଯିବେ ସେନେଇ ସମସ୍ତେ ଏବେ ଚିନ୍ତାରେ। ତେଣୁ ନିଜ ପଦ ସମ୍ଭାଳିବେ ନା ବାକି ପଡିଥିବା ଜରୁରୀ କାମ ସାରିବେ ସେ ନେଇ ବିଡିଏ କର୍ତ୍ତୃପକ୍ଷ ବ୍ୟସ୍ତ ଥିବାବେଳେ ଜବରଦଖଲ ଉଚ୍ଛେଦ ପ୍ରକ୍ରିୟା ନେଇ କୌଣସି ନିର୍ଦ୍ଦେଶ ମିଳିପାରୁ ନାହିଁ। ବିଡିଏର ସଚିବ ଏବଂ ବିଭାଗର ଅଧକ୍ଷ ଭାବେ ଜି. ମାଥିଭାଥାନନ୍ ଦୀର୍ଘ ୧୦ରୁ ଊର୍ଦ୍ଧ୍ୱ ବର୍ଷ ଧରି ଦାୟିତ୍ୱ ତୁଲାଉଥିଲେ। ତେଣୁ ବର୍ଷ ବର୍ଷ ଧରି ବିଡିଏ ଅଧିକାରୀମାନେ ଅଫିସରଙ୍କ ହାତତଳେ କାମ କରି ଆସୁଥିଲେ। ମାତ୍ର ଗୃହ ଓ ନଗର ଉନ୍ନୟନ ବିଭାଗ ମନ୍ତ୍ରୀ ଅଧକ୍ଷ ପଦ ସମ୍ଭାଳିବା ପରେ ସ୍ଥିତିରେ ପରିବର୍ତ୍ତନ ଆସିଛି। ଅଧକ୍ଷ କ'ଣ ଚାହୁଁଛନ୍ତି ତାହା ବିଡିଏ ଉପାଧକ୍ଷ ଜାଣିପାରୁ ନ ଥିବାବେଳେ ଉପାଧକ୍ଷ ନିଜର ଆଭିମୁଖ୍ୟ ସମ୍ପର୍କରେ ଅନ୍ୟ ଅଧିକାରୀଙ୍କୁ ସ୍ପଷ୍ଟ କରୁ ନାହାନ୍ତି। ତେଣୁ କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶ ମିଳୁ ନ ଥିବାରୁ ଜବରଦଖଲ ଉଚ୍ଛେଦ ନେଇ କୌଣସି ପଦକ୍ଷେପ ନିଆଯାଇପାରୁ ନ ଥିବା ଜଣେ ଅଧିକାରୀ କହିଛନ୍ତି। କେବଳ କାଗଜ କଲମରେ ଜବରଦଖଲକାରୀଙ୍କ ତାଲିକା କରାଯାଉଥିବାବେଳେ ବନ୍ଦ କୋଠରିରେ ଉଚ୍ଛେଦ ନେଇ ବ୍ଲୁ ପ୍ରିଣ୍ଟ୍ ପ୍ରସ୍ତୁତ କରାଯାଉଛି। ଅପରପକ୍ଷେ ବିଧାନସଭା ଚାଲିଥିବାବେଳେ କୌଣସି ଉଚ୍ଛେଦ ହୋଇପାରିବ ନାହିଁ ବୋଲି ନିୟମ ଥିବାରୁ ଦଖଲକାରୀଙ୍କୁ ଏହା ସୁହାଉଥିବା କୁହାଯାଉଛି। ସେହିପରି ଗତ ଫେବୃଆରୀରୁ ବିଡିଏର ସେଣ୍ଟ୍ରାଲ ଏନ୍‌ଫୋର୍ସମେଣ୍ଟ ମନିଟରିଂ ଟିମ୍ (ସିଇଏମ୍‌ସି) ବୈଠକ ବସୁନାହିଁ। ଫଳରେ ବିଡିଏକୁ ବିଭିନ୍ନ ବିଭାଗରୁ ଜବରଦଖଲ ଉଚ୍ଛେଦ ପାଇଁ ରିକ୍ୟୁଜିଶନ ଲେଟର ଆସୁଥିଲେ ବି ସେନେଇ କୌଣସି ଆଲୋଚନା ହୋଇପାରୁ ନାହିଁ କି ଉଚ୍ଛେଦ ପାଇଁ ମଧ କୌଣସି ପଦକ୍ଷେପ ନିଆଯାଉନାହିଁ।

## ସଂକ୍ଷେପରେ

### ‘ଓସେପା ବ୍ଲକ୍‌ସ୍ତରୀୟ ହିସାବ ରକ୍ଷକ କର୍ମଚାରୀଙ୍କୁ ନିୟମିତ କରାଯାଉ’

ଭୁବନେଶ୍ୱର, ୨୨।୭ (ବନ୍ଦନା ସେଠୀ)

ରାଜ୍ୟରେ ଚୁକ୍ତିଭିତ୍ତିକ ଠିକା ପ୍ରଥା ଉଚ୍ଛେଦ ହୋଇଥିବାବେଳେ ୩୧୪ଟି ମଣ୍ଡଳ ଶିକ୍ଷା କାର୍ଯ୍ୟାଳୟରେ ଦୀର୍ଘ ୧୨ବର୍ଷ ଧରି ହିସାବ ରକ୍ଷକ କର୍ମଚାରୀମାନେ ଠିକାରେ ଓ ସ୍ୱଳ୍ପ ବେତନରେ କାମ କରୁଛନ୍ତି। ଏହି ପରିପ୍ରେକ୍ଷୀରେ ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ (ଓସେପା) ବ୍ଲକ୍‌ସ୍ତରୀୟ ହିସାବ ରକ୍ଷକ କର୍ମଚାରୀ ସେବା ସଂଘ ପକ୍ଷରୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଠିକା ହିସାବ ରକ୍ଷକ କର୍ମଚାରୀଙ୍କୁ ଯଥାଶୀଘ୍ର ନିୟମିତ କରିବା, ସମାନ କାମକୁ ସମାନ ଦରମା ପ୍ରଦାନ, ରାଜ୍ୟ ଓ ଜିଲାସ୍ତରୀୟ ଓସେପା କର୍ମଚାରୀଙ୍କ ଭଳି ବ୍ଲକ୍‌ସ୍ତରୀୟ କର୍ମଚାରୀଙ୍କୁ ସମସ୍ତ ପ୍ରାପ୍ୟ ମିଳିବା ନେଇ ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ତେବେ ଏନେଇ ପୂର୍ବରୁ ଅନେକଥର ପୂର୍ବ ସରକାରଙ୍କୁ ଦାବିପତ୍ର ଦିଆଯାଇଥିଲେ ମଧ୍ୟ ସୁଫଳ ମିଳିନାହିଁ। ଓସେପାଙ୍କ ନିର୍ଦ୍ଦେଶକ୍ରମେ ରାଜ୍ୟ ଓ ଜିଲାସ୍ତରୀୟ କର୍ମଚାରୀମାନେ ୬ଷ୍ଠ ବେତନ ଏବଂ ଅନ୍ୟାନ୍ୟ ସରକାରୀ ସୁବିଧା ପାଉଥିବାବେଳେ ଏହା ବ୍ଲକସ୍ତରୀୟ କର୍ମଚାରୀଙ୍କ ପାଇଁ ମଧ୍ୟ ଉଦ୍ଦିଷ୍ଟ। ମାତ୍ର ବ୍ଲକସ୍ତରୀୟ ହିସାବ ରକ୍ଷକମାନଙ୍କୁ ଏହି ସୁବିଧାରୁ ବଞ୍ଚିତ କରାଯାଉଥିବା ସଂଘ ପକ୍ଷରୁ ଅଭିଯୋଗ କରାଯାଇଛି। ଯୁବନେତା ବିଶ୍ୱରଞ୍ଜନ ଜେନାଙ୍କ ନେତୃତ୍ୱରେ ସଂଘ ସଭାପତି ଶରତ କୁମାର ପଣ୍ଡା, ସମ୍ପାଦକ ଆନନ୍ଦ ପଣ୍ଡା ଓ ଅନ୍ୟମାନଙ୍କୁ ନେଇ ଗଠିତ ଏକ ପ୍ରତିନିଧି ଦଳ ଗଣଶିକ୍ଷାମନ୍ତ୍ରୀ, ଓସେପା ନିର୍ଦ୍ଦେଶିକା, ଶିକ୍ଷା ସଚିବ ଓ ବିଭିନ୍ନ ବିଧାୟକଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ।

### ବଜାରରୁ ବାଇକ୍ ଚୋରି

ବାରଙ୍ଗ, ୨୨।୭(ଲିଙ୍ଗରାଜ ରାଉତ)

ବାରଙ୍ଗ ଥାନା ଅଧୀନ କୁସିନ୍ଦା ବଜାରରୁ ସୋମବାର ଦ୍ୱିପ୍ରହରରେ ଏକ ବାଇକ୍ ଚୋରି ହୋଇଥିବା ଥାନାରେ ଅଭିଯୋଗ ହୋଇଛି। ଜୟପୁର ଗ୍ରାମର ସତ୍ୟବ୍ରତ ରାଉତ ତାଙ୍କ ବାଇକ୍ (ଓଡ଼ି୩୩– ଏମ– ୨୫୨୮) ଯୋଗେ କୁସିନ୍ଦା ବଜାରକୁ ଆସିଥିଲେ। ସେଠାରେ ବାଇକ୍ ରଖି ପାଖର ଏକ ଚା’ ଦୋକାନରେ ଚା ପିଇ ଆସିବା ପରେ ବାଇକ୍‌ଟି ସେଠାରେ ନ ଥିବା ଦେଖିବାକୁ ପାଇଥିଲେ। ବହୁ ଖୋଜାଖୋଜି କରିବା ପରେ ବାଇକ୍‌କୁ ନ ପାଇ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଅଭିଯୋଗ ଆଧାରରେ ଏକ ମକଦ୍ଦମା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

### ମହିଳା, ଛାତ୍ରୀଙ୍କ ପାଇଁ ରମାଦେବୀ ଆଦର୍ଶର ପ୍ରତୀକ

ଭୁବନେଶ୍ୱର, ୨୨।୭(ଶର୍ମିଷ୍ଠା ପାଣିଗ୍ରାହୀ)

ସର୍ବୋଦୟ ନେତ୍ରୀ, ଓଡ଼ିଶାରେ ନାରୀ ସଶକ୍ତୀକରଣର ଅଗ୍ରଣୀ ସେନାପତି ପୂଜ୍ୟା ମା’ ରମାଦେବୀଙ୍କ ନୀତି ଆଦର୍ଶ ଯୁବ, ଛାତ୍ର, ସମାଜ ବିଶେଷକରି ମହିଳା ଓ ଛାତ୍ରୀଙ୍କ ପାଇଁ ଆଦର୍ଶର ପ୍ରତୀକ ହୋଇ ରହିବ ବୋଲି ୩୯ତମ ପୁଣ୍ୟତିଥି ପାଳନ ଅବସରରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ସଂସ୍କୃତି ବିଭାଗ ପକ୍ଷରୁ ସୋମବାର ପୂଜ୍ୟପୂଜା ଅଧିକାରୀ ଲକ୍ଷ୍ମୀଧର ବେହେରାଙ୍କ ସଂଯୋଜନାରେ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ପରିସର ପ୍ରତିମୂର୍ତ୍ତିସ୍ଥଳୀରେ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା। କୁଳପତି ପ୍ରଫେସର ଡ. ଅପରାଜିତା ଚୌଧୁରୀ ଏଥିରେ ପୌରୋହିତ୍ୟ କରିଥିଲେ। କାର୍ଯ୍ୟକ୍ରମରେ ଜଗତ୍‌ସିଂହପୁର ବିଧାୟକ ଅମରେନ୍ଦ୍ର ଦାସ, ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା, ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, ଗାନ୍ଧିବାଦୀ ପ୍ରହ୍ଲାଦ ସିଂହ, ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର କାଉନ୍‌ସିଲର ଅଧ୍ୟକ୍ଷ ପ୍ରଫେସର ଡ. ଚଣ୍ଡି ଚରଣ ରଥ, ଆଇକ୍ୟୁଏସି ସେଲ୍ ନିର୍ଦ୍ଦେଶକ ଡ. ସସ୍ମିତା ମହାନ୍ତି, କୁଳସଚିବ ଶ୍ୟାମଳୀ ମହାପାତ୍ର, ପ୍ରଶାସନିକ ଅଧିକାରୀ ସ୍ନେହଲତା ଦାସଙ୍କ ସମେତ ବିଶ୍ୱବିଦ୍ୟାଳୟର ଅଧ୍ୟାପିକା, ଅଧ୍ୟାପକ ଓ ଛାତ୍ରୀ ଯୋଗଦେଇ ରମାଦେବୀଙ୍କ ସ୍ମୃତିଚାରଣ କରିଥିଲେ। ଅତିଥିମାନେ କହିଥିଲେ, ମା’ ରମାଦେବୀ ତତ୍କାଳୀନ ମାଜିଷ୍ଟ୍ରେଟ୍ ଗୋପବନ୍ଧୁ ଚୌଧୁରୀଙ୍କୁ ବିବାହ କରିବା ପରେ ସ୍ୱାମୀଙ୍କ ପଦାଙ୍କ ଅନୁସରଣ କରି ସ୍ୱାଧୀନତା ସଂଗ୍ରାମରେ ଯୋଗଦେବା ସହ ନିଜ ଦିଅର ନବକୃଷ୍ଣ ଚୌଧୁରୀ, ଯାଆ ମାଳତୀ ଚୌଧୁରୀଙ୍କ ସହିତ କାରାବରଣ କରିଥିଲେ। ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ଓଡ଼ିଶା ପଦଯାତ୍ରା ସମୟରେ ରମାଦେବୀ ତାଙ୍କ ସହିତ ସାମିଲ୍ ଥିଲେ। ଦେଶ ସ୍ୱାଧୀନତା ପରେ ସେ କ୍ଷମତା ରାଜନୀତିରୁ ଦୂରେଇ ଯାଇ ସର୍ବୋଦୟ ଆନ୍ଦୋଳନ ସହିତ ନିଜକୁ ସାମିଲ କରିଥିଲେ।

# ସରକାର ଘର ଦେଲେ, ଲୋକେ ବସ୍ତି ଘର ଭଡ଼ା ଲଗାଇଲେ

## ବିଡିଏ ନୀରବଦ୍ରଷ୍ଟା

- ଉଚ୍ଛେଦ ହେଉନି ଗଣ୍ଡମୁଣ୍ଡା ତାରିଣୀ ବସ୍ତି
- ଜବରଦଖଲ ବଢୁଛି, ଘର ନିର୍ମାଣ ଚାଲିଛି

ଭୁବନେଶ୍ୱର, ୨୨।୭ (ବନ୍ଦନା ସେଠୀ)

ସରକାରୀ ଜମିରୁ ଜବରଦଖଲ ଉଚ୍ଛେଦ କରିବା ନେଇ ରାଜ୍ୟ ସରକାର ନିର୍ଦ୍ଦେଶ ଦେଇଥିବାବେଳେ ରାଜଧାନୀ ଭୁବନେଶ୍ୱରରେ ଦିନକୁ ଦିନ ଜବରଦଖଲ ବଢି ଚାଲିଛି। ରାତି ପାହିଲେ ସରକାରୀ ଜମିରେ ବେଆଇନ ନିର୍ମାଣ ସହ ବସ୍ତି ଗଢି ଉଠୁଛି। ମାତ୍ର ସବୁ ଜାଣି ମଧ୍ୟ ବିଡିଏ କର୍ତ୍ତୃପକ୍ଷ କୌଣସି ପଦକ୍ଷେପ ନେଉ ନ ଥିବାରୁ ସହରରେ ବେଆଇନ ନିର୍ମାଣ ବୃଦ୍ଧି ପାଉଛି। ସହରର ଅନେକ ସ୍ଥାନରେ ଲୋକେ ସରକାରୀ ଜମି ଜବରଦଖଲ କରି ସ୍ଥାୟୀ ନିର୍ମାଣ କରୁଛନ୍ତି। ଶାମପୁର ମୌଜାରେ ଥିବା ବିଡିଏର ୬୮ଏକର ସହ ଆଖପାଖରେ ବହୁ ସରକାରୀ ଜମି କବ୍‌ଜା ହୋଇସାରିଲାଣି। ଗୋଟେପଟେ ବିଡିଏ ଶାମପୁର ବିବାଦ ତୁଟାଇ ପାରୁ ନ ଥିବାବେଳେ ଏବେ ଗଣ୍ଡମୁଣ୍ଡାସ୍ଥିତ ତାରିଣୀ ବସ୍ତି ମୁଣ୍ଡବିନ୍ଧାର କାରଣ ପାଲଟିଛି। ପ୍ରାୟ ୨ରୁ ୪ଏକର ସରକାରୀ ଜମିକୁ ଲୋକମାନେ କବ୍‌ଜା କରି ରଖିଥିଲେ ମଧ୍ୟ ବିଡିଏ ସେଥିରେ ହାତ ମାରି ପାରୁନାହିଁ। ସବୁଠାରୁ ବଡ଼ କଥା ହେଉଛି, ସମ୍ପୃକ୍ତ ବସ୍ତିରେ ୨୩୦ଟି ଘର ବା ପରିବାର ଥିବାବେଳେ ସେମାନଙ୍କ ମଧ୍ୟରୁ ୧୮୦ଟି ପରିବାରକୁ ଆଫର୍ଡେବଲ ହାଉସିଂ ପ୍ରୋଜେକ୍ଟ ଅନ୍ତର୍ଗତ ସୁବୁଦ୍ଧିପୁରରେ ଥଇଥାନ କରାଯାଇଛି। ବାକି ୫୦ଟି ପରିବାର ମଧ୍ୟରୁ କେହିକେହି ଘର ବାବଦରେ ଅଳ୍ପ ଟଙ୍କା ଡିପୋଜିଟ୍ କରି ଥିବାବେଳେ ଆଉ କେତେଜଣ ବିଲ୍‌କୁଲ୍ ଟଙ୍କା ପଇଠ କରି ନାହାନ୍ତି। ତେଣୁ ସେମାନଙ୍କୁ ବାଦ୍ ଦେଇ ବାକି ୧୮୦ଜଣଙ୍କ ଘରକୁ ଭାଙ୍ଗି ସମ୍ପୃକ୍ତ ସ୍ଥାନକୁ ଜବରଦଖଲମୁକ୍ତ କରିବା କଥା। ମାତ୍ର ସମ୍ପୃକ୍ତ ପରିବାର ବସ୍ତିରେ ଥିବା ଘର ଛାଡୁ ନାହାନ୍ତି। ସୁବୁଦ୍ଧିପୁରରେ ନିଜେ ରହୁଥିବାବେଳେ ତାରିଣୀ ବସ୍ତିରେ ଥିବା ଘରକୁ ଭଡ଼ାରେ ଲଗାଇ ଦେଇ ସେଥିରୁ ରୋଜଗାର କରୁଛନ୍ତି। ତେଣୁ ୬ମାସରୁ ଊର୍ଦ୍ଧ୍ୱ ସମୟ ବିତିଯାଇଥିଲେ ମଧ୍ୟ ବିଡିଏ ଏଯାବତ୍ ସମ୍ପୃକ୍ତ ସ୍ଥାନକୁ ଉଚ୍ଛେଦ କରିପାରୁନି। ଏହା ଭିତରେ ଦିନକୁ ଦିନ ବସ୍ତିରେ ନୂଆନୂଆ ଘର ଗଢାଯାଉଥିବଲେ ମଧ୍ୟ ସବୁ ଜାଣି ବିଡିଏ କର୍ତ୍ତୃପକ୍ଷ ଚୁପ୍ ବସିଛନ୍ତି।



ନିରାକାରପୁର ପଞ୍ଚାୟତସ୍ଥିତ ସାଇବାବାଙ୍କ ପୀଠରେ ଗୁରୁପୂର୍ଣ୍ଣିମା ଏବଂ ପ୍ରତିଷ୍ଠା ଉତ୍ସବ ଅବସରରେ ଅନୁଷ୍ଠିତ କଳସ ଯାତ୍ରା।

### ସାଇନାଥଙ୍କ ପୀଠରେ ଗୁରୁପୂର୍ଣ୍ଣିମା

ନିରାକାରପୁର, ୨୨।୭(ମାନସ ଚନ୍ଦ୍ର ପଟ୍ଟନାୟକ)

ନିରାକାରପୁର ପଞ୍ଚାୟତ ସ୍ଥିତ ସାଇବାବାଙ୍କ ପୀଠରେ ଗୁରୁପୂର୍ଣ୍ଣିମା ଏବଂ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ମାନସିକଧାରୀ ମହିଳା, ପୁରୁଷ ନିକଟ ମଳାଗୁଣି ନଦୀରୁ ପାଣି ଉଠାଇ ଶୋଭାଯାତ୍ରାରେ ଆସି ପୀଠରେ ପହଞ୍ଚି କଳସ ସ୍ଥାପନା କରିଥିଲେ। ପରେ ଯଜ୍ଞକର୍ମ ଆରମ୍ଭ ହୋଇଥିଲା। ପରେ ସନ୍ଧ୍ୟାରେ ବାବାଙ୍କୁ ନଗର ପରିକ୍ରମା କରାଯାଇଥିଲା। ଦୈନିକ ସନ୍ଧ୍ୟାରେ ଅନୁଷ୍ଠାନ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ପୂର୍ଣ୍ଣାହୁତି ଉତ୍ସବରେ ଶତାଧିକ ଭକ୍ତଙ୍କ ସମାଗମ ହୋଇଥିଲା।

## ହଳଦିପଦା ସ୍କୁଲରେ ଲାଗିଲା ୧୧୭ ଚାରା

ଖୋର୍ଦ୍ଧା, ୨୨।୭(ପ୍ରଭାତ ପାଣିଗ୍ରାହୀ)

ଦ୍ରୁତ ଶିଳ୍ପାୟନ, ସହରୀକରଣ ପାଇଁ ଗଛ କଟାଚାଲିଛି। ଦିନକୁ ଦିନ ଜଙ୍ଗଲକ୍ଷୟ ହେବାରେ ଲାଗିଛି। ଏହାର ପ୍ରଭାବ ଜୀବ ଓ ପ୍ରାଣୀ ଜଗତ ଉପରେ ପଡୁଛି। ଜଳବାୟୁ ପରିବର୍ତ୍ତନ ଆଜି ବିଶ୍ୱର ଏକ ବଡ଼ ଆହ୍ୱାନ। ପରିବେଶ ସନ୍ତୁଳନ ପାଇଁ ଚାରାରୋପଣ ଜରୁରୀ। ବର୍ଷାଦିନେ ପ୍ରତ୍ୟେକ ବ୍ୟକ୍ତି ଚାରାଟିଏ ରୋପଣ ପାଇଁ ପରିବେଶ ସଂକ୍ରାନ୍ତୀୟ ସଭାରେ ମତ ପ୍ରକାଶ ପାଇଛି। ବ୍ୟାଙ୍କ ଅଫ ବରୋଦା(ବିଓବି) ଖୋର୍ଦ୍ଧା ଶାଖା ପକ୍ଷରୁ ବିଓବିର ୧୧୭ବର୍ଷ ଅବସରରେ ଖୋର୍ଦ୍ଧା ବ୍ଲକ ନାଲିପଡା ଅର୍ଜୁନପୁର ପଞ୍ଚାୟତ ଅନ୍ତର୍ଗତ ହଳଦିପଦା ଉଚ୍ଚ ବିଦ୍ୟାଳୟ ପରିସରରେ ବ୍ୟାଙ୍କ କର୍ତ୍ତୃପକ୍ଷ, ହାଇସ୍କୁଲର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ, ଛାତ୍ରୀଛାତ୍ର, ପରିବେଶପ୍ରେମୀଙ୍କ ଉପସ୍ଥିତିରେ ୧୧୭ଟି ବିଭିନ୍ନ କିସମର ଚାରାରୋପଣ କରି ପରିବେଶ ସୁରକ୍ଷା ସଂକଳ୍ପ ନେଇଥିଲେ। ଖୋର୍ଦ୍ଧା ବନ ଅଧିକାରୀ ଜୟକୃଷ୍ଣ ପଣ୍ଡା ମୁଖ୍ୟ ଅତିଥିଭାବେ ଯୋଗଦେଇ ଚାରାଟିଏ ରୋପଣ କରି ପରିବେଶ ସୁରକ୍ଷା ବାର୍ତ୍ତା ଦେଇଥିଲେ। ବ୍ୟାଙ୍କ ପ୍ରବନ୍ଧକ (ଶାଖା ପରିଚାଳକ) ସତୀଶ ଚନ୍ଦ୍ର ବାରିକ, ସହ ପ୍ରବନ୍ଧକ ପ୍ରିୟବ୍ରତ ବିଶ୍ୱାଳ ଓ ଦେବାଶିଷ ଷଡ଼ଙ୍ଗୀ, ବରିଷ୍ଠ ଆଇନଜୀବୀ ତଥା ବ୍ୟାଙ୍କ ଆଇନ ପରାମର୍ଶଦାତା ମନ୍ମଥ କୁମାର ମିଶ୍ର, ପରିବେଶବିତ୍ ଧନେଶ୍ୱର ବିଧାର, ଖବରଦାତା ଲୋହିତ ମହାପାତ୍ର ଓ ପରିବେଶପ୍ରେମୀ ତଥା ଖବରଦାତା ପ୍ରଭାତ ପାଣିଗ୍ରାହୀ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ହାଇସ୍କୁଲ ପ୍ରଧାନଶିକ୍ଷକ ସୁଧାକର ମହାପାତ୍ର, ଶିକ୍ଷକ ବାସୁଦେବ ସାହୁ ଏବଂ ଅନ୍ୟ ଶିକ୍ଷକମାନେ ପରିଚାଳନା କରିଥିଲେ। ଚାରାରୋପଣ ପରେ ସ୍କୁଲ ପରିସରରେ ଏକ ସଭା ଆୟୋଜିତ ହୋଇଥିଲା। ଅତିଥିମାନେ ଯୋଗଦେଇ ପରିବେଶ ସୁରକ୍ଷା ଉପରେ ଆଲୋକପାତ କରିଥିଲେ।



ଚାରା ରୋପଣ କାର୍ଯ୍ୟକ୍ରମ ଅବସରରେ ଅତିଥିଙ୍କ ଗହଣରେ ଛାତ୍ରୀଛାତ୍ର ଏବଂ ଅନ୍ୟମାନେ।

### ପଦ୍ମକେଶରପୁର ଗୋଷ୍ଠୀ ସଂଘର୍ଷ ଘଟଣା: ଆଉ ୩ ଅଭିଯୁକ୍ତ ଗିରଫ

ଭୁବନେଶ୍ୱର, ୨୨।୭(ସତ୍ୟଜିତ୍ ରାଉତ)

ଭୁବନେଶ୍ୱର ପଦ୍ମକେଶରପୁର ଗଣ୍ଡଗୋଳ ଓ ସୁଧ କାରବାର ମାମଲାରେ ମଞ୍ଚେଶ୍ୱର ଥାନା ପୋଲିସ ଆଉ ୨ ଅଭିଯୁକ୍ତଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଏହି ଗାଁ ତଳସାହିର ଚିତ୍ତରଞ୍ଜନ ଦାସ (୭୨), ସୌଭାଗ୍ୟ ରଞ୍ଜନ ଦାସ (୨୫) ଓ ଶୁଭଲକ୍ଷ୍ମୀ ଦାସ (୩୭)। ଅଭିଯୋଗକାରିଣୀ ସୁଧାରାଣୀ ଦାସଙ୍କ ଏତଲା ଆଧାରରେ ହୋଇଥିବା ମାମଲାରେ (ନଂ. ୩୫୪/୨୦୨୪) ଅଭିଯୁକ୍ତମାନଙ୍କୁ କୋର୍ଟଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ପରେ ସମସ୍ତଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଅନ୍ୟପକ୍ଷରେ ପ୍ରତିପକ୍ଷର ଅଭିଯୋଗ ଆଧାରରେ ହୋଇଥିବା ମାମଲା (ନଂ.୩୫୩/୨୦୨୪)ରେ ପୋଲିସ ପୂର୍ବରୁ ଅପର ଗୋଷ୍ଠୀର ୬ ଜଣଙ୍କୁ ପୋଲିସ ଗିରଫ କରିଥିଲା। ଫଳରେ ଏହି ସଂଘର୍ଷ ଘଟଣାରେ ଗିରଫ ସଂଖ୍ୟା ୯କୁ ବୃଦ୍ଧି ପାଇଛି। ଫେରାର ଅଭିଯୁକ୍ତମାନଙ୍କୁ ଧରିବାକୁ ପୋଲିସ ପ୍ରୟାସ ଜାରି ରଖିଥିବା ସୂଚନା ଦିଆଯାଇଛି। ସୂଚନାଯୋଗ୍ୟ, ଜୁଲାଇ ୬ ରାତି ପ୍ରାୟ ସାଢ଼େ ୧୦ଟାରେ ଗାଁରେ ଗୋଷ୍ଠୀ ସଂଘର୍ଷ ହୋଇଥିଲା।

## ଛାତ୍ରୀଛାତ୍ରଙ୍କ ଦ୍ୱାରା ସବୁଜ ବଳୟ ଲକ୍ଷ୍ୟ



ଖୋର୍ଦ୍ଧା, ୨୨।୭(ପ୍ରଭାତ ପାଣିଗ୍ରାହୀ)

ଓଡ଼ିଶାରେ ସବୁଜ ବଳୟ ସୃଷ୍ଟି ସହ ପରିବେଶ, ଜୀବଜଗତକୁ ସୁରକ୍ଷା ଲକ୍ଷ୍ୟରେ ଇଗ୍ନାଇଟିଂ ମାଇଣ୍ଡସ୍ ଓ ପ୍ରେରଣା ଗ୍ରୀନ୍ ଆର୍ମି ପକ୍ଷରୁ ଚଳିତ ବର୍ଷାଋତୁରେ ଓଡ଼ିଶାରେ ଏକ କୋଟି ଚାରା ଲଗାଇବା ଅଭିଯାନ ଆରମ୍ଭ କରାଯାଇଛି। ଏହିକ୍ରମରେ ସୋମବାର କାଇପଦର ଶ୍ରୀଜଗନ୍ନାଥ ମହାବିଦ୍ୟାଳୟରେ ଚାରାରୋପଣ ହୋଇଥିଲା। ଏଥିରେ ପୂର୍ବତନ ରାଜ୍ୟ ସଭା ସଦସ୍ୟ ସଞ୍ଜୀବ କୁମାର ମୁଖ୍ୟ ଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ପ୍ରେରଣା ଗ୍ରୀନ୍ ଆର୍ମିର କମାଣ୍ଡାଣ୍ଟ ଇନ୍ ଚିଫ୍ ଡ.ଦିଲୀପ ଶ୍ରୀଚନ୍ଦନ କହିଥିଲେ, ଓଡ଼ିଶାରେ ଯେଉଁ ଅନୁପାତରେ ବୃକ୍ଷ ଛେଦନ କରାଯାଉଛି, ସେହି ଅନୁପାତରେ ଚାରାରୋପଣ କରାଯାଉନାହିଁ। ରାସ୍ତା ପ୍ରଶସ୍ତୀକରଣ, କୋଠାବାଡ଼ି ନିର୍ମାଣ ଓ ଶିଳ୍ପାୟନ ଆଦି ପାଇଁ ଗଛ କଟାଚାଲିଛି। ସ୍କୁଲ, କଲେଜ ଆଦି ସ୍ଥାନରେ ଛାତ୍ରୀଛାତ୍ରଙ୍କ ମାଧ୍ୟମରେ ସବୁଜ ବଳୟ ସୃଷ୍ଟି ଏହାର ଉଦ୍ଦେଶ୍ୟ। ଏଥିରେ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରତାପ ଛୋଟରାୟ, ଇଗ୍ନାଇଟିଂ ମାଇଣ୍ଡସ୍‌ର ପ୍ରତିଷ୍ଠାତା ଡ.କରୁଣାକର ରେଡ୍ଡି , ଓଡ଼ିଶା ଚାପ୍ଟରର କାର୍ଯ୍ୟାଧିକାରୀ ଡ. ପ୍ରଫୁଲ୍ଲ କୁମାର ଧଳ, ପୂର୍ବତନ ମୁଖ୍ୟ ବନ ସଂରକ୍ଷକ ବିଜୟ କେତନ ପଟ୍ଟନାୟକ, ଅଧ୍ୟାପିକା ଅନୁପମା ଛୋଟରାୟ, ସଂଯୁକ୍ତା ପଟ୍ଟନାୟକ, ସଚଳା ସାମନ୍ତ, ସୁଜ୍ଞାନୀ ଭଞ୍ଜସାମନ୍ତ , ଡ.ଜନ୍ମେଜୟ ଚୌଧୁରୀ, ଭୁବନେଶ୍ୱର ମହାରଣା, ମାନସ ଜୟସିଂହ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଛାତ୍ରୀଛାତ୍ରମାନେ ଏକ ଶୋଭାଯାତ୍ରାରେ ସ୍ଥାନୀୟ ଗ୍ରାମ ପରିକ୍ରମା କରିଥିଲେ।

### ଚାରା ଲଗାଇଲେ, ସୁରକ୍ଷା ପାଇଁ ସଙ୍କଳ୍ପ ନେଲେ

ଖୋର୍ଦ୍ଧା, ୨୨।୭(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ବ୍ଲକ ନନ୍ଦପୁରଠାରେ ବିଶିଷ୍ଟ ଶିକ୍ଷାବିତ୍ ସ୍ୱର୍ଗତ ପୂର୍ଣ୍ଣଚନ୍ଦ୍ର ମଙ୍ଗରାଜଙ୍କ ସହଧର୍ମିଣୀ ସ୍ୱର୍ଗତା କମଳିନୀ ମଙ୍ଗରାଜଙ୍କ ୯ମ ପୁଣ୍ୟତିଥି ଅବସରରେ ପି.ସି.ମଙ୍ଗରାଜ ଫାଉଣ୍ଡେଶନ ଆନୁକୂଲ୍ୟରେ ଚାରା ରୋପଣ କାର୍ଯ୍ୟକ୍ରମ ‘ମା ପାଇଁ ଗଛଟିଏ’ ଅନୁଷ୍ଠିତ ହୋଇଯାଇଛି। ଫାଉଣ୍ଡେଶନର ସମ୍ପାଦକ ଶ୍ରୀରଞ୍ଜନ ମଙ୍ଗରାଜଙ୍କ ନେତୃତ୍ୱରେ ସ୍ଥାନୀୟ ପୂର୍ଣ୍ଣଚନ୍ଦ୍ର ସ୍ମାରକୀ ବରିଷ୍ଠ ନାଗରିକ ସ୍ୱାସ୍ଥ୍ୟ ଉଦ୍ୟାନ ପରିସରରେ ବିଭିନ୍ନ କିସମର ଚାରା ଲଗାଯିବା ସହିତ ସଙ୍ଗଠନରେ ସଦସ୍ୟଙ୍କୁ ଗୋଟିଏ ଲେଖାଏ ଚାରା ବଣ୍ଟନ କରାଯାଇଥିଲା। ଏହି ଅବସରରେ ସମସ୍ତ ସଦସ୍ୟ ନିଜ ବାରିରେ ଚାରା ଲଗାଇବା ସହିତ ଅନ୍ୟମାନଙ୍କୁ ଏହି କାର୍ଯ୍ୟକ୍ରମରେ ଯୋଡିବା ପାଇଁ ପ୍ରୟାସ କରିବାକୁ ସଙ୍କଳ୍ପ ନେଇଥିଲେ। ଉଦ୍ୟାନର ତତ୍ତ୍ୱାବଧାରକ ପଞ୍ଚାନନ ଦାସ, ସମାଜସେବୀ ବିଘ୍ନେଶ୍ୱର ପରିଡା, ଦେବରଞ୍ଜନ ମଙ୍ଗରାଜ, ପବିତ୍ର କୁମାର ଉଦୟସିଂହ, ନିରଞ୍ଜନ ବଳବନ୍ତରାୟ, ଅଂଶୁମାନ ଶ୍ରୀଚନ୍ଦନ, ବିଶ୍ୱରଞ୍ଜନ ଜଗଦେବ, ବିଶ୍ୱପ୍ରକାଶ ମଙ୍ଗରାଜ, ସତ୍ୟଜିତ୍ ବେହେରା, ଜଗନ୍ନାଥ ଖୁଣ୍ଟିଆ, ଦୀପକ ପାତ୍ର, ଶ୍ରବଣ ଦଳାଇ ପ୍ରମୁଖ ଯୋଗଦେଇ ଚାରା ଲଗାଇଥିଲେ।

### ନଡ଼ିଆ ଚାରା ବଣ୍ଟନ କାର୍ଯ୍ୟକ୍ରମ



ଟାଙ୍ଗୀ, ୨୨।୭(ରଘୁନାଥ ସାହୁ)

ଭୁବନେଶ୍ୱରସ୍ଥିତ ଆନ୍ୟୁଟୋନ ଆକୋଷ୍ଟିକମ ସଂସ୍ଥା ବଡ଼ପାରୀ ସିଭିଲ ସୋସାଇଟି ମାଧ୍ୟମରେ ଆର୍ଥିକ ସ୍ୱଚ୍ଛଳତା ବୃଦ୍ଧି ପାଇଁ ଗରିବ ପରିବାରଙ୍କୁ ନଡିଆ ଚାରା ବଣ୍ଟନ କରାଯାଇଛି। ବଡ଼ପାରୀ ଉଚ୍ଚ ବିଦ୍ୟାଳୟଠାରେ ନୂଆ ଗାଁ, ଭୋବରା, ଅହିଅରା, ଝରିଆ ଓ ବଡପାରୀ ଗ୍ରାମର ଆର୍ଥିକ ସ୍ୱଚ୍ଛଳତା ନ ଥିବା ପରିବାରଙ୍କୁ ୮ଶହ ନଡ଼ିଆ ଚାରା ସହ ଅଣୁସାର, ରାସାୟନିକ ସାର ବଣ୍ଟନ କରାଯାଇଛି। ସିଭିଲ ସୋସାଇଟି ଆବାହକ ତାରା ପ୍ରସାଦ ଧଳ, ସଭାପତି ସଚ୍ଚିତ୍ର ସାମନ୍ତରାୟ, ସମ୍ପାଦକ ପଠାଣି ସୁନ୍ଦରାୟ, ବରିଷ୍ଠ ସଦସ୍ୟ ରଘୁନାଥ ପାଲଟାସିଂ, ଲକ୍ଷ୍ମଣ ପାଲଟାସିଂ, ଲକ୍ଷ୍ମୀଧର ସାମନ୍ତରାୟ ପ୍ରମୁଖ ଚାରା ବଣ୍ଟନ କରିଥିଲେ। ସଦସ୍ୟ ଅବସରପ୍ରାପ୍ତ ରେଞ୍ଜର ପ୍ରସନ୍ନ ବିଶ୍ୱାଳ, ଅବସରପ୍ରାପ୍ତ ଶିକ୍ଷକ ସଦାଶିବ ବେହେରା, ପରିକ୍ଷୀତ ମହାରଣା, ଜାନକୀ ବଲ୍ଲଭ ବିଶ୍ୱାଳ, ବାଉରିବନ୍ଧୁ ସାହୁ, ନବ କିଶୋର ଧଳ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଆନ୍ୟୁଟୋନ ଆକୋଷ୍ଟିକମ ସଂସ୍ଥା ସ୍ଥାନୀୟ ନୀଳକଣ୍ଠେଶ୍ୱର ଦେବଙ୍କ ରୋଷେଇ ଘରର ନବୀକରଣ ପାଇଁ ୧ଲକ୍ଷ ଟଙ୍କା ପ୍ରଦାନ କରିଥିବାରୁ ସିଭିଲ ସୋସାଇଟି ପକ୍ଷରୁ କୃତଜ୍ଞତା ଜ୍ଞାପନ କରାଯାଇଛି।

## ହରପ୍ରିୟାଙ୍କୁ ସୋସିଆଲ ଇମ୍ପାକ୍ଟ ଆୱାର୍ଡ



ଜଟଣୀ, ୨୨।୭(ରବୀନ୍ଦ୍ରନାଥ ମହାକୁଡ଼)

ୱି ଫର୍ ୟୁ ସଙ୍ଗଠନ ପକ୍ଷରୁ ସପ୍ତମ ସୋସିଆଲ ଇମ୍ପାକ୍ଟ ଆୱାର୍ଡ ପ୍ରଦାନ କରାଯାଇଛି। ଭୁବନେଶ୍ୱର ବୁଦ୍ଧମନ୍ଦିରଠାରେ ଗତ ୨୦ ତାରିଖରେ ଆୟୋଜିତ ଉତ୍ସବରେ ଜଟଣୀ କୁସୁମାଟି ଗ୍ରାମର ସମାଜସେବିକା ହରପ୍ରିୟା ନାୟକ ଏହି ଆୱାର୍ଡ ପାଇଛନ୍ତି। ହରପ୍ରିୟା ସମାଜସେବାରେ ନିଜକୁ ନିୟୋଜିତ ରଖି ମାଗଣା ଶିକ୍ଷାଦାନ, ବଳକା ଖାଦ୍ୟ ବଣ୍ଟନ, ପୁରୁଣାବସ୍ତ୍ର ବଣ୍ଟନ, ଜରୁରୀକାଳୀନ ରକ୍ତ ଯୋଗାଡ, ଚାରା ରୋପଣ ଏବଂ ବିପଦରେ ପଡ଼ିଥିବା ବ୍ୟକ୍ତିଙ୍କୁ ସହଯୋଗର ହାତ ବଢ଼ାଇଥାନ୍ତି। ତେବେ ସେ ଏକ ଅନୁଷ୍ଠାନ ଗଠନ କରିଥିଲେ। ସୋସିଆଲ ଅର୍ଗାନାଇଜେଶନ ପ୍ରଫେସନାଲ ଭଲ୍ୟୁଣ୍ଟର ଆକସନ ସଙ୍ଗଠନ ୨୦୧୫ ମସିହାରୁ ଆରମ୍ଭ କରି ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ କରିଆସୁଛନ୍ତି। ହରପ୍ରିୟାଙ୍କୁ ସୋସିଆଲ ଇମ୍ପାକ୍ଟ ଆୱାର୍ଡ ମିଳିଥିବାରୁ ବିଭିନ୍ନ ମହଲରୁ ପ୍ରଶଂସାର ଶୁଅ ଛୁଟୁଛି।

## ନୂତନ ଜ୍ଞାନ ଆହରଣକୁ ପ୍ରୋତ୍ସାହିତ କରିବ ଶିକ୍ଷଣ ସାମଗ୍ରୀ

ବୋଲଗଡ଼, ୨୨।୭(ଦେବବ୍ରତ ହୋତା)



ଅତିଥିଙ୍କ ଗହଣରେ କୃତୀ ଛାତ୍ରୀଛାତ୍ର ଏବଂ ଅନ୍ୟମାନେ।

ଶିକ୍ଷା ଦିବସ ପାଳନ ଅବସରରେ ସୋମବାର ପ୍ରଧାନଶିକ୍ଷକ ପ୍ରମୋଦ କୁମାର ସ୍ୱାଇଁଙ୍କ ଆବାହକତ୍ୱରେ ବିଦ୍ୟାଳୟ ସମ୍ମିଳନୀ କକ୍ଷରେ ବିଦ୍ୟାର୍ଥୀଙ୍କ ମଧ୍ୟରେ ଶିକ୍ଷଣ ପ୍ରଶିକ୍ଷଣ ସାମଗ୍ରୀ ପ୍ରସ୍ତୁତି ଉପରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଶିକ୍ଷୟିତ୍ରୀ ଶୈବାଳିକା ମଲ୍ଲିକ, ଶ୍ରୋତାଲିନି ସାହୁଙ୍କ ତତ୍ତ୍ୱାବଧାନରେ କନିଷ୍ଠ ଏବଂ ଶିକ୍ଷକ ବିଚିତ୍ର କୁମାର ଘଡ଼େଇ ଓ ବିଶ୍ୱଜିତ୍ ସରୋଜ କୁମାରଙ୍କ ତତ୍ତ୍ୱାବଧାନରେ ବରିଷ୍ଠ ବିଭାଗ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବରିଷ୍ଠ ବିଭାଗରେ ଷଷ୍ଠରୁ ଦଶମ ଶ୍ରେଣୀ ଏବଂ କନିଷ୍ଠ ବିଭାଗରେ ତୃତୀୟରୁ ପଞ୍ଚମ ଶ୍ରେଣୀ ଛାତ୍ରୀଛାତ୍ରମାନେ ଅଂଶଗ୍ରହଣ କରିଥିଲେ। ଶିକ୍ଷୟିତ୍ରୀ ସ୍ୱର୍ଣ୍ଣଲତା ପ୍ରଧାନ, ନମିତା ସାହୁ ଶିକ୍ଷଣ ସାମଗ୍ରୀର ଉପାଦେୟତା ସମ୍ପର୍କରେ ଆଲୋକପାତ କରିଥିଲେ। ଶିକ୍ଷକ ଦୀପ୍ତି ରଞ୍ଜନ ଦାସ, ବିଭୁପ୍ରସାଦ ମହାପାତ୍ର, ଅଂଶୁମାନ ଧଳ, ଶିକ୍ଷୟିତ୍ରୀ ସୌଦାମିନୀ ସୁବୁଦ୍ଧି ବିଚାରକଭାବେ ଯଥାକ୍ରମେ ବରିଷ୍ଠ ଓ କନିଷ୍ଠ ବିଭାଗ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଚୟନ କରିଥିଲେ। ଶିବ ପ୍ରଧାନ, ସ୍ନେହଲତା ପାଇକରାୟ ଓ ସମ୍ପିତ କେଦାର କର କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ବରିଷ୍ଠ ବିଭାଗରେ ଖେଳଣା ପ୍ରସ୍ତୁତିରେ ମନୁ ପ୍ରକାଶ ଦାସ, ଗଳ୍ପ କାର୍ଡରେ ଆର୍ଯ୍ୟରୂପା ବେହେରା, କଣ୍ଢେଇ ନିର୍ମାଣରେ ଆଲିଶା ପ୍ରିୟଦର୍ଶିନୀ ସାହୁ, ପଜଲ ଓ ଚାଲେଞ୍ଜରେ ଓମ୍ ପ୍ରକାଶ ନାୟକ, ରଙ୍ଗିନ ବାକ୍ସ ପ୍ରସ୍ତୁତିରେ ସାଇ ପ୍ରକାଶ ବେହେରା, ଖେଳ କାର୍ଡରେ ସଞ୍ଚିତା ପ୍ରିୟଦର୍ଶିନୀ, ଖାଦ୍ୟ ଚାର୍ଟରେ ଓମ୍ ପ୍ରକାଶ ନାୟକ ଏବଂ ପଠନ କ୍ଲବରେ ମଧୁସ୍ମିତା ପ୍ରିୟଦର୍ଶିନୀ ପ୍ରଥମ ସ୍ଥାନ ଅଧିକାର କରିଥିଲେ। କନିଷ୍ଠ ବିଭାଗରେ ପଶୁମୁଖା ନିର୍ମାଣରେ ହିମାଂଶୁ ଶେଖର ସାହୁ, ପେପର ଚାର୍ଟରେ ଓମ୍ ସାଇ ସେନାପତି, କାର୍ଡ ନିର୍ମାଣରେ କ୍ଷିରାବ୍ଧି ତନୟା ପ୍ରଧାନ ଏବଂ ପଠନ ଓ ଗଳ୍ପ କଥନରେ ସୌମ୍ୟରଞ୍ଜନ ଖମାରୀ ଶୀର୍ଷ ସ୍ଥାନ ହାସଲ କରିଥିଲେ। ଶିକ୍ଷା ସପ୍ତାହ ପାଳନର ଅନ୍ତିମ ଦିବସରେ ପ୍ରଥମ ଦ୍ୱିତୀୟ ଓ ତୃତୀୟ ସ୍ଥାନ ହାସଲ କରିଥିବା କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବ ବୋଲି ପ୍ରଧାନଶିକ୍ଷକ ସ୍ୱାଇଁ ସୂଚନା ଦେଇଛନ୍ତି।

# ଲୋକନାଥଙ୍କ ପୀଠରେ ଜଳଲାଗି

ପୁରୀ,୨୨।୭(ଅଜିତ୍ କୁମାର ମହାନ୍ତି)

ଶ୍ରାବଣ ପ୍ରଥମ ସୋମବାରରେ ପ୍ରମୁଖ ଶୈବପୀଠ ଲୋକନାଥଙ୍କ ପାଖରେ କାଉଡ଼ିଆ ଭକ୍ତମାନେ ଜଳଲାଗି କରିଛନ୍ତି। ଜଳଲାଗି ନିମନ୍ତେ ଶ୍ରୀଲୋକନାଥ ପୀଠରେ ବିଶେଷ ନୀତିକ୍ରାନ୍ତି କରାଯାଇଥିଲା। ରବିବାର ମଧରାତ୍ରରୁ ଦ୍ୱାର ଖୋଲାଯାଇ ନୀତିକାନ୍ତି ଆରମ୍ଭ ହୋଇଥିଲା। ନୀତିକାନ୍ତି ସମୟକୁ ବାଦ ଦେଇ ସାରାଦିନ ଭକ୍ତମାନେ ଜଳଲାଗି କରିଥିଲେ। ପ୍ରଶାସନ ତରଫରୁ ଏନେଇ ସମସ୍ତ ବନ୍ଦୋବସ୍ତ ହୋଇଥିବାବେଳେ ଶ୍ରୀକ୍ଷେତ୍ରରେ ଶିବମୟ ପରିବେଶ ସୃଷ୍ଟି ହୋଇଥିଲା।

ଶ୍ରାବଣର ପ୍ରଥମ ବୃଷ୍ଟି ଜଳରେ ନଦୀମାନେ ହୋଇଛନ୍ତି ପୂର୍ଣ୍ଣଗର୍ଭା। ଏହି ନୂତନ ଜଳକୁ ନେଇ ଦେବଦେବ ମହାଦେବଙ୍କ ପାଖରେ ଜଳ ଲାଗି କଲେ ଅକ୍ଷୟ ଐଶ୍ୱର୍ଯ୍ୟ ପ୍ରାପ୍ତି ହୁଏ ବୋଲି ବିଶ୍ୱାସ ରହିଛି। ତେଣୁ ଶ୍ରାବଣର ପ୍ରଥମ ସୋମବାର ଶୈବପୀଠରେ ଜଳଲାଗି ପାଇଁ କାଉଡ଼ିଆ ଭକ୍ତଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା। ଏହି କ୍ରମରେ ଶ୍ରୀକ୍ଷେତ୍ରର ବାବା ଲୋକନାଥଙ୍କ ପୀଠ ମଧ ଶିବମୟ ହୋଇଉଠିଥିଲା । ହଜାର ହଜାର କାଉଡ଼ିଆ ଭକ୍ତ କାନ୍ଧରେ ଜଳଭାର ନେଇ ବାବା ଲୋକନାଥଙ୍କ ନିକଟରେ ଜଳଲାଗି କରିବା ସହ ମାନସିକ ପୂର୍ଣ୍ଣ କରିଛନ୍ତି। ଭକ୍ତଙ୍କ ସମାଗମକୁ ଦୃଷ୍ଟିରେ ରଖି ରବିବାର ଅପରାହ୍ନରୁ ଜଳଲାଗି ପାଇଁ ଟିକେଟ ବିକ୍ରି ଆରମ୍ଭ ହୋଇଥିଲା। ରବିବାର ରାତ୍ରପ୍ରାୟ ୧୨ଟା ୧୫ ଠାରୁ ମଙ୍ଗଳ ଆଳତି ସରିବା ପରେ ମଇଲମ ଅବକାଶ ହୋଇ ପ୍ରାୟ ରାତ୍ର ୧ ଘଟିକାଠାରୁ


ଶ୍ରୀ ଲୋକନାଥଙ୍କ ପୀଠରେ ଜଳଲାଗି କରିବା ପାଇଁ ଆସିଥିବା ଶ୍ରଦ୍ଧାଳୁ ।

ଜଳଲାଗି ଆରମ୍ଭ ହୋଇଥିଲା। କୁଷ୍ଠାଶ୍ରମ ନିକଟ ଟିକେଟ କାଉଣ୍ଟରରୁ ୩୦ଟଙ୍କାର ଟିକେଟ ନେଇ ଜଳଲାଗି ପାଇଁ କାଉଡ଼ିଆ ଭକ୍ତ ଲାଇନରେ ବ୍ୟାରିକେଡରେ ଯାଇ ରୋଷଘର ପଛପାର୍ଶ୍ୱ ପଟୁ ମନ୍ଦିର ପ୍ରବେଶ କରିବା ସହ ଲକ୍ଷ୍ମୀ ଦ୍ୱାର ନିକଟରେ ଜଳଲାଗି କରି ଫେରିଥିଲେ। ହଜାର ହଜାର କାଉଡିଆଙ୍କ ଆଗମନକୁ ଦୃଷ୍ଟିରେ ରଖି ଲୋକନାଥ ମନ୍ଦିର ନିକଟରେ କଡା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିବାବେଳେ ପ୍ରାୟ ୨ହଜାର ଲୋକଙ୍କ ପାଇଁ ଅସ୍ଥାୟୀ ଶେଡ, ପାନୀୟ ଜଳ ଆଦି ବ୍ୟବସ୍ଥା ପ୍ରଶାସନ ପକ୍ଷରୁ କରାଯାଇଥିଲା। ଏନେଇ ଲୋକନାଥ ମନ୍ଦିର ମ୍ୟାନେଜର ଅପଛ କୁମାର ପରିଡା କହିଛନ୍ତି କି ଚଳିତ ବର୍ଷ ୫ ଗୋଟି ଶ୍ରାବଣ ସୋମବାର ପଡୁଛି। ପ୍ରଥମ ସୋମବାରରେ ଭକ୍ତଙ୍କ ଆଗମନକୁ ଦୃଷ୍ଟିରେ ରଖି ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ଭକ୍ତମାନଙ୍କ ନିମନ୍ତେ ବ୍ୟାରିକେଡ କରାଯାଇଛି । କାଉଡିଆ ଭାର ରଖିବା ନିମନ୍ତେ ବାଉଁଶରେ ଭାର କରାଯାଇଛି। ଭକ୍ତଙ୍କ ସୁବିଧା ପାଇଁ ଶେଡ କରାଯାଇଛି। ଲାଇଟ, ପାନୀୟ ଜଳ, ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ସହ ବିଭିନ୍ନ ବ୍ୟବସ୍ଥା କରାଯାଇଛି। ସେହିପରି ଭକ୍ତଙ୍କୁ ଦୃଷ୍ଟିରେ ରଖି ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ଏନେଇ ଅତିରିକ୍ତ ଏସ୍‌ପି ଦେବଦତ୍ତ ଚକ୍ର କହିଛନ୍ତି, ଭକ୍ତଙ୍କୁ ଦୃଷ୍ଟିରେ ରଖି ବ୍ୟାରିକେଡ ବ୍ୟବସ୍ଥା କରାଯାଇଛି। ବ୍ୟାରିକେଡ ଦେଇ ଭକ୍ତମାନେ ମନ୍ଦିର ପରିସରକୁ ଯାଇ ଜଳଲାଗି କରିଥିଲେ। ଟ୍ରାଫିକ୍‌କୁ ମଧ ଗୁରୁତ୍ୱ ଦିଆଯାଇଛି। ୧୧ ପ୍ଲାଟୁନ ଫୋର୍ସ ମୁତୟନ ରହିଛନ୍ତି। ଶାନ୍ତିଶୃଙ୍ଖଳା ରକ୍ଷା କରିବା ନିମନ୍ତେ ୩ଜଣ ଅତିରିକ୍ତ ଏସ୍‌ପି, ୬ଜଣ ଡିଏସ୍‌ପି, ୧୨ଜଣ ଇନ୍ସପେକ୍ଟର, ୧୫୦ ଜଣ ବିଭିନ୍ନ ର୍ୟାଙ୍କର ଅଫିସର ଏବଂ ୨୧୦ ଜଣ ହୋମଗାର୍ଡ ନିୟୋଜିତ ରହିଛନ୍ତି। ମୋବାଇଲ ଚୋରି ଉପରେ ମଧ ନଜର ରଖାଯାଇଛି। ଭକ୍ତମାନେ ଶାନ୍ତି ଶୃଙ୍ଖଳାର ସହ ଜଳ ଲାଗି କରିଥିବା ଚକ୍ର କହିଛନ୍ତି।


ପୁରୀ ବେଳାଭୂମି ନିକଟରେ ଥିବା ହୋଟେଲର ବର୍ଜ୍ୟଜଳ ସମୁଦ୍ର ମଧକୁ ପଶୁଥିବା ବେଳେ ଅପରିଷ୍କାର ପାଣିରେ ପର୍ଯ୍ୟଟକମାନେ ଗାଧୋଉଛନ୍ତି । (ଫଟୋ-ଯଜ୍ଞେଶ୍ୱର ମହାନ୍ତି)

## ସଂକ୍ଷେପରେ

### ପରୀକ୍ଷା ଦେଲେ ୧୨୧ ଷ୍ଟେଟ ଓପନ ସ୍କୁଲ ପରୀକ୍ଷାର୍ଥୀ

ଅସ୍ତରଙ୍ଗ,୨୨।୭(ପ୍ରଦୀପ୍ତ କୁମାର ଦୀକ୍ଷିତ)

ମାଟ୍ରିକ ସପ୍ଲିମେଣ୍ଟାରୀ ପରୀକ୍ଷା ସୋମବାରଠାରୁ ଆରମ୍ଭ ହୋଇଛି। ଏହାସହ ଷ୍ଟେଟ ଓପନ ସ୍କୁଲ ପରୀକ୍ଷା ମଧ ଆରମ୍ଭ ହୋଇଛି। ପୁରୀ ଜିଲା ଅସ୍ତରଙ୍ଗ ବ୍ଲକରେ ଗୋଟିଏ ପରୀକ୍ଷା କେନ୍ଦ୍ର ଐଶାନେଶ୍ୱର ବିଦ୍ୟାପୀଠରେ ହୋଇଥିବାବେଳେ ୧୪୪ଜଣ ଷ୍ଟେଟ ଓପନ ସ୍କୁଲ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୧୩୪ ଜଣ ଓଡ଼ିଆ ମାତୃଭାଷା ପରୀକ୍ଷା ଦେବାକୁ ଫର୍ମ ପୂରଣ କରିଥିଲେ। ସେଥିମଧ୍ୟରୁ ୧୨୧ ଜଣ ପରୀକ୍ଷା ଦେଇଥିବାବେଳେ ୧୩ ଜଣ ଅନୁପସ୍ଥିତ ଥିଲେ। ସକାଳ ୮ଟା ୨୦ମିନିଟ୍‌ରେ ପରୀକ୍ଷାର୍ଥୀଙ୍କୁ କଡ଼ାକଡ଼ି ଚେକିଂ କରାଯାଇ ପରୀକ୍ଷାକେନ୍ଦ୍ର ମଧ୍ୟକୁ ପ୍ରବେଶ କରାଯାଇଥିଲା। ସକାଳ ୯ଟାରୁ ଆରମ୍ଭ ହୋଇ ୧୧ଟା ୩୦ମିନିଟ୍ ପର୍ଯ୍ୟନ୍ତ ପରୀକ୍ଷା ହୋଇଥିଲା। ପରୀକ୍ଷା ସମୟରେ ସ୍ୱତନ୍ତ୍ର ସ୍କ୍ୱାଡ୍ ଟିମ୍ ପହଞ୍ଚି ତଦାରଖ କରିଥିବା ମଣ୍ଡଳ ଶିକ୍ଷାଧିକାରୀ ଶତ୍ରୁଘ୍ନ ବେହେରା ସୂଚନା ଦେଇଛନ୍ତି।

### ବର୍ଷାରେ ଅସ୍ତବ୍ୟସ୍ତ ପୁରୀବାସୀ

ପୁରୀ,୨୨।୭(ଅଜିତ୍ କୁମାର ମହାନ୍ତି)

ବଙ୍ଗୋପସାଗରରେ ସୃଷ୍ଟ ଘୂର୍ଣ୍ଣିବଳୟ ଅଧିକ ଘନୀଭୂତ ହୋଇ ଲଘୁଚାପ ରୂପ ନେଇଛି। ଏହାର ପ୍ରଭାବରେ ପୁରୀରେ ପ୍ରବଳ ବର୍ଷା ହୋଇଛି। ଲଘୁଚାପ କାରଣରୁ ସୋମବାର ଦିନସାରା ସହରରେ ମଧ୍ୟମ ଧରଣର ବର୍ଷା ଲାଗି ରହିଥିଲା। ଯାହାଫଳରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଥିଲା। ଲଗାଣ ବର୍ଷା ଫଳରେ ପୁରୀ ସହରର କିଛି ଅଞ୍ଚଳ ଏବଂ ବିଶେଷ କରି ତଳିଆ ଅଞ୍ଚଳରେ ବର୍ଷା ଜଳ ଜମିବା ଆରମ୍ଭ କରିଛି। ଯଦି ଏପରି ବର୍ଷା କିଛି ଦିନ ଲାଗି ରହେ ତେବେ ବିଶେଷ କରି ପୁରୀର ସୁଜାତା ନଗର, ମାଟିତୋଟା, ବାଲିଘାଟ, ବଳିଆ ପଣ୍ଡା, ସହରର ଅନେକ ତଳିଆ ଅଞ୍ଚଳରେ ବାସ କରୁଥିବା ଲୋକମାନେ ଜଳ ବନ୍ଦୀ ହେବାର ସମ୍ଭାବନା ସୃଷ୍ଟି ହୋଇଛି। ଲଘୁଚାପ ବର୍ଷା ଯୋଗୁ ସମୁଦ୍ର ଅଶାନ୍ତ ଥିବାରୁ ସମୁଦ୍ରରେ ଧୀବରମାନଙ୍କୁ ମାଛ ଧରିବାରେ ମଧ ବାରଣ କରାଯାଇଛି। ଅପରପକ୍ଷରେ ଦିନତମାମ ବର୍ଷା ଲାଗି ରହିଥିଲେ ମଧ ଅନେକ ପର୍ଯ୍ୟଟକ ଅଶାନ୍ତ ସମୁଦ୍ରରେ ବିପଦ ଭାବରେ ଗାଧୋଉଥିବା ଦେଖିବାକୁ ମିଳିଥିଲା। ଅନେକ ଶ୍ରଦ୍ଧାଳୁ ବର୍ଷା ସତ୍ତ୍ୱେ ମହାପ୍ରଭୁଙ୍କ ଦର୍ଶନ ପାଇଁ ଶ୍ରୀମନ୍ଦିରକୁ ଯାଇଥିଲେ। ବର୍ଷାରେ ଭିଜି ଅନେକ ଶ୍ରଦ୍ଧାଳୁ ସିଂହଦ୍ୱାର ସମ୍ମୁଖରେ ଠିଆହୋଇ ପତିତପାବନଙ୍କ ଦର୍ଶନ କରୁଥିବା ଦେଖିବାକୁ ମିଳିଥିଲା।

### ଅଗ୍ନି ବିପନ୍ନଙ୍କୁ ପୂର୍ବତନ ପିସିସି ସଭାପତିଙ୍କ ସହାୟତା

ସାକ୍ଷୀଗୋପାଳ,୨୨।୭(ପ୍ରଶାନ୍ତ କୁମାର ବାରିକ୍/କିଶୋର ମହାପାତ୍ର)

ସତ୍ୟବାଦୀ ବ୍ଲକ ଅଧୀନ ବୀରରାମଚନ୍ଦ୍ରପୁର ଗ୍ରାମ ପଞ୍ଚାୟତର ମୁନିନ୍ଦା ଗ୍ରାମରେ ଘଟିଥିବା ଅଗ୍ନିକାଣ୍ଡରେ ହରସ ପରିଡ଼ାଙ୍କ ୨ ବଖରା ଘର ସହ ଧାନ ଚାଉଳ, ଆସବାବପତ୍ର ପୋଡ଼ିଅନେକ କ୍ଷୟକ୍ଷତି ହୋଇଥିଲା। ଖବର ପାଇ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର ପୂର୍ବତନ ପିସିସି ସଭାପତି ତଥା ସତ୍ୟବାଦୀ ନିର୍ବାଚନମଣ୍ଡଳୀ ପୂର୍ବତନ ବିଧାୟକ ପ୍ରସାଦ ହରିଚନ୍ଦନ ବିପନ୍ନଙ୍କୁ ଭେଟି ସୋମବାର ଅତ୍ୟାବଶ୍ୟକ ସାମଗ୍ରୀ ପ୍ରଦାନ କରିଛନ୍ତି।

# ବଡ଼ଦାଣ୍ଡ ମିଳିତ ଉଠାଦୋକାନୀ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର

ପୁରୀ,୨୨।୭(ଅଜିତ୍ କୁମାର ମହାନ୍ତି)

ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ନିମନ୍ତେ ଉଚ୍ଛେଦ ହୋଇଥିବା ସମସ୍ତ ଉଠାଦୋକାନୀଙ୍କୁ ବଡ଼ଦାଣ୍ଡରେ ନୂତନ ଯୋଜନା ମାଧ୍ୟମରେ ପୁନଃ ଥଇଥାନ କରାଯାଉ। ଏପରି କି ଆର୍ଥିକ ସହାୟତାରୁ ବଞ୍ଚିତ ଥିବା କିଛି ଉଠାଦୋକାନୀଙ୍କୁ କ୍ଷତିପୂରଣ ରାଶି ପ୍ରଦାନ କରାଯିବାକୁ ବଡ଼ଦାଣ୍ଡ ମିଳିତ ଉଠାଦୋକାନୀ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରାଯାଇଛି। ସଂଘର ଆବାହକ ପ୍ରଶାନ୍ତ କୁମାର ନାୟକ ଓ ସମସ୍ତ କାର୍ଯ୍ୟକର୍ତ୍ତା ସର୍କିଟ ହାଉସ୍‌ଠାରେ ମୁଖ୍ୟମନ୍ତ୍ରୀଙ୍କ ସହ ଦେଖା ହୋଇ ବିସ୍ଥାପିତ ଉଠା ଦୋକାନୀମାନଙ୍କ ଥଇଥାନ ଓ ଆର୍ଥିକ ସହାୟତା ରାଶି ପ୍ରଦାନ ଉପରେ ଆଲୋଚନା କରିଥିଲେ। ମୁଖ୍ୟମନ୍ତ୍ରୀ ମାଝୀ ସମସ୍ୟା ସମ୍ପର୍କରେ ଶୁଣିବା ପରେ ଉକ୍ତ ସମସ୍ୟା ଉପରେ ଅବଗତ ଥିବା କହିବା ସହ ଜିଲା ପ୍ରଶାସନ ସହ କଥା ହୋଇ ଆଗାମୀ ୧୫ଦିନ ଭିତରେ ସମସ୍ତ ଉଠାଦୋକାନୀଙ୍କ ପୁନଃ ଥଇଥାନ ଓ ସମସ୍ତ ସମସ୍ୟାର ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ପ୍ରଦାନ କରିଥିବା ସଂଘ ପକ୍ଷରୁ କୁହାଯାଇଛି। ଦାବିପତ୍ର ପ୍ରଦାନ ଓ ଆଲୋଚନା ସମୟରେ ନିରଞ୍ଜନ ସିଂହ, ତପନ କୁମାର ଦାସ, ରତି ରଞ୍ଜନ ମିଶ୍ର, ଦୈତାରୀ ପୃଷ୍ଟି ଓ ପ୍ରଦୀପ କୁମାର ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ଜିଲାସ୍ତରୀୟ ଅଭିଯୋଗ ଶୁଣାଣି

ପୁରୀ,୨୨।୭(ଅଜିତ୍ କୁମାର ମହାନ୍ତି)

ଜିଲାସ୍ତରୀୟ ଅଭିଯୋଗ ଶୁଣାଣି ସୋମବାର ପୂର୍ବାହ୍ନରେ ପିପିଲି ପଞ୍ଚାୟତ ସମିତି କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶୁଣାଣିରେ ମୋଟ ୩୭ ଗୋଟି ଅଭିଯୋଗ ମିଳିଥିଲା। ସେଥିମଧ୍ୟରେ ବ୍ୟକ୍ତିଗତ ୨୮, ସାମୂହିକ ୮ ଓ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ଗୋଟିଏ ଅଭିଯୋଗ ଥିଲା। ସେଥିରୁ ତତ୍କାଳୀନ ଗୋଟିଏ ଅଭିଯୋଗର ସମାଧାନ ହୋଇଥିଲା। ଅନ୍ୟ ଅଭିଯୋଗଗୁଡିକର ଆଇନ ଅନୁସାରେ ଅନୁଧ୍ୟାନ କରି ଯଥାଶୀଘ୍ର ସମାଧାନ ପାଇଁ ବିଭିନ୍ନ ବିଭାଗକୁ ପ୍ରେରଣ କରାଯାଇଥିଲା। ଅଭିଯୋଗ ଶୁଣାଣିରେ ଏସ୍‌ପି ପିନାକ ମିଶ୍ର, ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି, ଉପଜିଲାପାଳ ଗୋପୀନାଥ କୁଅଁର, ଅଭିଯୋଗ ଶୁଣାଣି ଡେପୁଟି କଲେକ୍ଟର ପ୍ରିୟଦର୍ଶିନୀ ମଲ୍ଲିକ, ପିପିଲି ବିଡିଓ ସରୋଜ କୁମାର ରାଉତ, ତହସିଲଦାର ଦିଲ୍ଲୀପ କୁମାର ମାଝି, ଅନ୍ୟାନ୍ୟ ଜିଲାସ୍ତରୀୟ ଅଧିକାରୀମାନେ ଯୋଗ ଦେଇଥିଲେ। ଆସନ୍ତା ୨୯ତାରିଖରେ ଜିଲାସ୍ତରୀୟ ଅଭିଯୋଗ ଶୁଣାଣି ଗୋପ ବ୍ଲକ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହେବ ବୋଲି ଅଭିଯୋଗ ଶୁଣାଣି ଡେପୁଟି କଲେକ୍ଟର ପ୍ରିୟଦର୍ଶିନୀ ମଲ୍ଲିକ ସୂଚନା ଦେଇଛନ୍ତି।

# ସତ୍ୟବାଦୀ ଚେତନା ଚିନ୍ତନ ନ୍ୟାସର ବାର୍ଷିକୋତ୍ସବ

ପୁରୀ,୨୨।୭(ଅଜିତ୍ କୁମାର ମହାନ୍ତି)

ପବିତ୍ର ଗୁରୁପୂର୍ଣ୍ଣିମା ଅବସରରେ କବି କୈଳାସ ରାୟଙ୍କ ମାନସ ସଂଗଠନ ସତ୍ୟବାଦୀ ଚେତନା ଚିନ୍ତନ ନ୍ୟାସର ପ୍ରଥମ ବାର୍ଷିକୋତ୍ସବ ବଡ଼ଦାଣ୍ଡସ୍ଥିତ ନାୟକ ପ୍ଲାଜା ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ହୋଇଛି। ନ୍ୟାସର ସଭାପତି ଗିରିଶ ଚନ୍ଦ୍ର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ପୂର୍ବତନ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ ମୁଖ୍ୟଅତିଥି ଭାବରେ ଯୋଗଦାନ କରିଥିବାବେଳେ କବି ଶଙ୍କର ପରିଡ଼ା ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ପ୍ରାରମ୍ଭରେ ସଂଗଠକ ଶ୍ୟାମ ପ୍ରକାଶ ସେନାପତି ମଞ୍ଚ ପରିଚାଳନା କରିବା ସହିତ ଅତିଥି ପରିଚୟ ପ୍ରଦାନ କରିଥିଲେ। ସମ୍ପାଦକ ମହେନ୍ଦ୍ର ବିଶୋଇ ସମ୍ପାଦକୀୟ ବିବରଣୀ ପ୍ରଦାନ କରିଥିଲେ। ଅତିଥିମାନେ ଉତ୍କଳମଣିଙ୍କ ସତ୍ୟବାଦୀ ଚେତନାର ଆବଶ୍ୟକତା ଉପରେ ଗୁରୁତ୍ୱ ଆରୋପ କରିଥିଲେ। ଏହାସହିତ ସମ୍ପ୍ରତି ମୋବାଇଲ୍ ଯୁଗରେ ଛାତ୍ରୀଛାତ୍ରମାନଙ୍କୁ ଓଡ଼ିଆ ଭାଷା ସାହିତ୍ୟ ପ୍ରତି ଆକୃଷ୍ଟ କରାଇବା ଦିଗରେ ଅଭିଭାବକମାନେ ବିଭିନ୍ନ ମାର୍ଗ ପ୍ରସ୍ତୁତ କରିବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ନ୍ୟାସର ବାର୍ଷିକ ସାରସ୍ୱତ ମୁଖପତ୍ର ସତ୍ୟସୁଧା ଏବଂ ଦିବଂଗତ କବି କୈଳାସ ରାୟଙ୍କ କବିତା ସଙ୍କଳନ ଜୀବନ ପାତ୍ର ମୋ ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ଉତ୍ସବରେ ପୂର୍ବରୁ ଅନୁଷ୍ଠିତ ଓଡ଼ିଆ ପ୍ରବନ୍ଧ, ଚିତ୍ରକଳା, କବିତା ଆବୃତ୍ତି ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ଓ ପ୍ରମାଣପତ୍ର ବିତରଣ କରାଯାଇଥିଲା।



ସତ୍ୟବାଦୀ ଚେତନା ଚିନ୍ତନ ନ୍ୟାସର ବାର୍ଷିକ ଉତ୍ସବରେ ପୁରସ୍କୃତ ଛାତ୍ରୀଛାତ୍ରଙ୍କ ସହ ଅତିଥି ।

# କଲେଜ ଅଫ ଫାର୍ମାସ୍ୟୁଟିକାଲ ସାଇନ୍‌ସେସ୍‌ରେ ନିଯୁକ୍ତି ସାକ୍ଷାତ୍‌କାର

ପୁରୀ,୨୨।୭(ଅଜିତ୍ କୁମାର ମହାନ୍ତି)

ସ୍ଥାନୀୟ ପୁରୀ-କୋଣାର୍କ ବେଳାଭୂମି ମାର୍ଗସ୍ଥିତ କଲେଜ ଅଫ୍ ଫାର୍ମାସ୍ୟୁଟିକାଲ ସାଇନ୍‌ସେସ୍ ଓ ହାଇଦ୍ରାବାଦସ୍ଥିତ ଅରୋବିନ୍ଦ ଫାର୍ମା ଔଷଧ ପ୍ରସ୍ତୁତକାରୀ କମ୍ପାନୀର ମିଳିତ ସହଯୋଗରେ ଏକ ନିଯୁକ୍ତି ସାକ୍ଷାତ୍‌କାର ସୋମବାର ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ଅମିୟକାନ୍ତ ମିଶ୍ରଙ୍କ ଅଧ୍ୟକ୍ଷତାରେ ନିଯୁକ୍ତି ସାକ୍ଷାତ୍‌କାର ଅନୁଷ୍ଠିତ ହୋଇଥିଲା। ଉପସ୍ଥିତ ସମସ୍ତ ଆଶାୟୀ ପ୍ରାର୍ଥୀଙ୍କୁ କଲେଜର ଅଧ୍ୟକ୍ଷ ମିଶ୍ର କଲେଜ ବିଷୟରେ ସବିଶେଷ ବିବରଣୀ ଦେବା ସହିତ ଶୁଭକାମନା ଜ୍ଞାପନ କରିଥିଲେ। କଲେଜ ଫାର୍ମାସୀ ପଢୁଥିବା ଛାତ୍ରୀଛାତ୍ରଙ୍କ ୧୦୦% ନିଯୁକ୍ତିକୁ ଲକ୍ଷ୍ୟ ରଖି ବିଭିନ୍ନ ଫାର୍ମା କମ୍ପାନୀଗୁଡ଼ିକ ସହିତ ମିଶି ବର୍ଷସାରା ଏଭଳି ନିଯୁକ୍ତିଭିତ୍ତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥାଏ ବୋଲି ମିଶ୍ର ବକ୍ତବ୍ୟରେ କହିଥିଲେ। ଉପସ୍ଥିତ ସମସ୍ତ ଆଶାୟୀ ପ୍ରାର୍ଥୀ ଚାକିରି କ୍ଷେତ୍ରରେ ନିଜକୁ ଦୃଢ଼ ପ୍ରତିଷ୍ଠିତ କରିବାକୁ ହେଲେ ନିଜ କାର୍ଯ୍ୟ ଦକ୍ଷତାକୁ ବୃଦ୍ଧି କରିବାକୁ ହେବ ବୋଲି କଲେଜର ନିର୍ଦ୍ଦେଶକ ସନ୍ତୋଷ କୁମାର ମହାପାତ୍ର କହିଥିଲେ। ମାନବ ସମ୍ବଳ ଅଧିକାରୀ କମ୍ପାନୀ ବିଷୟରେ ସମ୍ୟକ ବିବରଣୀ ଦେବାପରେ ନିଯୁକ୍ତି ସାକ୍ଷାତକାର ଆରମ୍ଭ କରାଯାଇଥିଲା। ଏହି ନିଯୁକ୍ତି ସାକ୍ଷାତକାରରେ ନିଜ କଲେଜ ଓ ବାହାର ବିଭିନ୍ନ କଲେଜର ବହୁ ଆଶାୟୀ ଛାତ୍ରୀଛାତ୍ର ଯୋଗଦେଇ ଥିଲେ। ପ୍ରାୟ ୮୦ ଜଣ ପ୍ରାର୍ଥୀ ଯୋଗ୍ୟ ବିବେଚିତ ହୋଇ ଉକ୍ତ ଔଷଧ ପ୍ରସ୍ତୁତକାରୀ କମ୍ପାନୀରେ ନିଯୁକ୍ତି ସୁଯୋଗ ପାଇଛନ୍ତି ।

# ଗଡ଼ିଆ ନିଲାମ ନ କରିବା ଦାବିରେ ଧାରଣାରେ ବସିଲେ


ଧାରଣାରେ ବସିଥିବା ତାଳପତ୍ର ଭୋଗେଇ ତିଆରି କରୁଥିବା ଚମାର ପରିବାର ।

ପୁରୀ ୨୨।୭(ଅଜିତ୍ କୁମାର ମହାନ୍ତି)

ତାଳପତ୍ର ଭୋଗେଇ ତିଆରି କରୁଥିବା ଚମାରମାନଙ୍କ ବ୍ୟବହୃତ ଗଡ଼ିଆ ନିଲାମକୁ ସ୍ଥଗିତ କରିବାକୁ ନିବେଦନ କରି ପିପିଲି ପଞ୍ଚାୟତ ସମିତି ଅଧୀନ ହାଟସାହିସ୍ଥିତ ମହଙ୍ଗା ଗ୍ରାମ ଚମାର ସାହିର ଅଧିବାସୀ ଉପଜିଲାପାଳଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଅଭିଯୋଗକାରୀମାନେ ଅଭିଯୋଗ ପତ୍ରରେ ଦର୍ଶାଇଛନ୍ତି କି ଚମାରସାହିର ପ୍ଲଟ ନଂ. ୯୧୭ ଜଳାଶୟ ରହିଛି। ଉକ୍ତ ଜଳାଶୟରେ ସେମାନଙ୍କ ବାପାଜେଜେ ଅମଳରୁ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଶ୍ରୀମନ୍ଦିରର ଶୁଖିଲା ଭୋଗ ନିମନ୍ତେ ବ୍ୟବହୃତ ତାଳପତ୍ର ଭୋଗେଇର ନିର୍ମାଣ ପାଇଁ ତାଳପତ୍ରଗୁଡ଼ିକୁ ଉକ୍ତ ଗାଡ଼ିଆରେ ଧୋଇ ପରିଷ୍କାର କରିଆସୁଛନ୍ତି। ଉକ୍ତ ଗାଡ଼ିଆକୁ ଚମାରମାନେ ମହାପ୍ରଭୁଙ୍କ ସେବା କାର୍ଯ୍ୟରେ ବ୍ୟବହାର କରୁଛନ୍ତି। ତେବେ ଦୀର୍ଘବର୍ଷ ହେବ ନିଲାମ ହୋଇ ନ ଥିବା ଉକ୍ତ ଗଡ଼ିଆକୁ ଗ୍ରାମ ପଞ୍ଚାୟତ ପକ୍ଷରୁ ଏବେ ନିଲାମ କରାଯାଉଛି। ନିଲାମ ହେବାଫଳରେ ତାଳପତ୍ରଗୁଡିକୁ ଧୋଇ ପରିଷ୍କାର କରିବାରେ ଅସୁବିଧା ସୃଷ୍ଟି ହେବ। ଅପରପକ୍ଷରେ ଦିନ ମଜୁରିଆ ହୋଇଥିବାରୁ ଉକ୍ତ ଗଡ଼ିଆକୁ ନିମାଲ ନେଇ ପାରିବୁ ନାହିଁ। ନିଲାମ ନିମନ୍ତେ ପର୍ଯ୍ୟାପ୍ତ ପରିମାଣର ଟଙ୍କା ନାହିଁ। ତେଣୁ ପ୍ରଶାସନ ଏଦିଗରେ ଅନୁଧ୍ୟାନ କରି ତଦନ୍ତ କରି ନିଲାମ କବଳରୁ ଉଦ୍ଧାର କରିବାକୁ ଗ୍ରାମବାସୀମାନେ ପ୍ରଶାସନକୁ ନିବେଦନ କରିଛନ୍ତି।

# ଶିଶୁ ସୁରକ୍ଷା ସମ୍ପର୍କିତ ଜିଲାସ୍ତରୀୟ କର୍ମଶାଳା

ପୁରୀ,୨୨।୭(ଅଜିତ୍ କୁମାର ମହାନ୍ତି)

ପ୍ରତିଟି ପିଲା ଯତ୍ନ ଓ ସୁରକ୍ଷା ଆବଶ୍ୟକ କରେ। ପରିବାର ହେଉ କିମ୍ବା ପରିବାରଠାରୁ ବିଭିନ୍ନ କାରଣରୁ ବିଚ୍ଛିନ୍ନ ସମସ୍ତ ପିଲାଙ୍କୁ ସୁରକ୍ଷା ଦେବା ଆମ ସମସ୍ତଙ୍କ ଦାୟିତ୍ୱ ବୋଲି ଶିଶୁ ଅଧିକାର ସୁରକ୍ଷାର ଜାତୀୟ କମିଶନ ପ୍ରତିନିଧି ଇଲା ଗୌରବ ସିହ୍ନା କହିଛନ୍ତି। ସୋମବାର ପୂର୍ବାହ୍ନରେ ସଂସ୍କୃତି ଭବନଠାରେ ଶିଶୁ ଅଧିକାର ସୁରକ୍ଷାର ଜାତୀୟ କମିଶନର, ରାଜ୍ୟ କମିଶନର ଓ ଜିଲା ଶିକ୍ଷା ବିଭାଗର ମିଳିତ ସହଯୋଗରେ ଶିଶୁ ସୁରକ୍ଷା ସମ୍ପର୍କିତ ଏକଦିବସୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଯୋଗଦେଇ ସିହ୍ନା ଶିଶୁ କୋମଳ ଓ ନରମ ସ୍ୱଭାବର ହୋଇଥିବାରୁ ଅନେକ ସମୟରେ ଗୃହ ଏବଂ ଗୃହ ବାହାରେ ତା' ପ୍ରତି ଘଟୁଥିବା ନିର୍ଯାତନାକୁ ପ୍ରକାଶ କରିପାରେ ନାହିଁ। ଶିକ୍ଷାନୁଷ୍ଠାନରେ ସେହି ପିଲାମାନଙ୍କ ସହ ସ୍ନେହ ଓ ବିଶ୍ୱାସର ବାତାବରଣ ସୃଷ୍ଟି କରିପାରିଲେ ସେମାନଙ୍କ ସମସ୍ୟାର କାରଣ ବୁଝି ତାହାର ନିରାକରଣ କରିପାରିବା ବୋଲି ସେ କହିଥିଲେ। ଅତିରିକ୍ତ ଜିଲାପାଳ(ପ୍ରଶାସନ) ଶରତ ଚନ୍ଦ୍ର ବେହେରା ଶିକ୍ଷାନୁଷ୍ଠାନର ବାତାବରଣ ଠିକ୍ ରଖିବା, ପିଲାମାନଙ୍କ ମନୋଭାବକୁ ଅନୁଧ୍ୟାନ କରି ଉପଯୁକ୍ତ ମାର୍ଗଦର୍ଶନ କରାଇବା, ବର୍ତ୍ତମାନର ସମୟରେ ଯେପରି ସାଇବର ଅପରାଧ ଘଟୁଛି, ଉପଯୁକ୍ତ ପରାମର୍ଶ ମାଧ୍ୟମରେ ପିଲାମାନଙ୍କୁ ସେଥିରୁ ଦୂରେଇ ରଖିବାକୁ ଉଦ୍ୟମ କରିବାକୁ ସେ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିଶୁ ଅଧିକାର ଓ ସୁରକ୍ଷା କମିଶନର ରାଜ୍ୟ ସଦସ୍ୟ ଅନିତା ବେହେରା, ରୁବି ବିଶ୍ୱାଳ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ କୁମାର ତ୍ରିପାଠୀ, ଡିଆଇଇଟିର ଅଧ୍ୟକ୍ଷ ସନ୍ତୋଷ କୁମାର ପରିଡା ପ୍ରମୁଖ ଶିକ୍ଷାନୁଷ୍ଠାନରେ ପିଲାମାନଙ୍କ ଶୈକ୍ଷିକ ବାତାବରଣ, ଭିତ୍ତିଭୂମିର ବିକାଶ, ପିଲାମାନଙ୍କ ମନସ୍ତାତ୍ତ୍ୱିକ ସ୍ଥିତିରେ ଅନୁଶୀଳନ ଓ ଆଚାର ବ୍ୟବହାରରେ ପରିବର୍ତ୍ତନକୁ ନିୟମିତ ଅନୁଧ୍ୟାନ କରି ପଦକ୍ଷେପ ନେବା ସମ୍ପର୍କରେ ଆଲୋଚନା କରିଥିଲେ। ପ୍ରାରମ୍ଭରେ ଜିଲା ଶିକ୍ଷା ଅଧିକାରୀ ଦୀପକ କୁମାର ପାଢୀ ସମସ୍ତଙ୍କୁ ସ୍ୱାଗତ କରିବା ସହ ଏହି ଭଳି କର୍ମଶାଳା ଦ୍ୱାରା ପିଲାମାନେ ବିଶେଷ ଭାବରେ ଉପକୃତ ହେବା ସହ ଶିକ୍ଷାନୁଷ୍ଠାନର ଅଧିକାରୀ ଓ କର୍ମଚାରୀମାନଙ୍କ ସହ ଭାବର ଆଦାନ ପ୍ରଦାନ ସହଜ ହୋଇପାରିବ ବୋଲି କହିଥିଲେ। ଶିକ୍ଷୟିତ୍ରୀ ଅଳକାନନ୍ଦା କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ଅତିରିକ୍ତ ଜିଲା ଶିକ୍ଷାଧିକାରୀ ହିମାଂଶୁ ଶେଖର ସମର୍ଥ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ଏଲିମେଣ୍ଟାରୀ ଓ ସେକେଣ୍ଡାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ, ବିଆର୍‌ସିସି, ସିଆର୍‌ସିସି, ଓଏଭିର ଅଧ୍ୟକ୍ଷ, ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟ ପ୍ରମୁଖ ଯୋଗ ଦେଇଥିଲେ।



ସଂସ୍କୃତି ଭବନଠାରେ ଶିଶୁ ସୁରକ୍ଷା ସମ୍ପର୍କିତ ଜିଲାସ୍ତରୀୟ କର୍ମଶାଳାରେ ଉପସ୍ଥିତ ଅତିଥି ।

## ସଂକ୍ଷେପରେ

### ଅପହୃତା ନାବାଳିକା ଉଦ୍ଧାର, ଯୁବକ ଗିରଫ

**ଚୌଦ୍ୱାର,୨୨।୭(ଆଶୁତୋଷ ଦାସ):** ନାବାଳିକା ଅପହରଣ ଘଟଣାରେ ଚୌଦ୍ୱାର ପୋଲିସ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ଗୁରୁଡିଝାଟିଆ ଥାନା ଅନ୍ତର୍ଗତ ପ୍ରସନ୍ନପୁର ଗ୍ରାମର ମାନସ କୁମାର ଜେନା। ପୋଲିସ ସୂଚନା ଅନୁଯାୟୀ, ଚୌଦ୍ୱାର ଥାନା ଅଧୀନ ଇନ୍ଦ୍ରାଣୀପାଟଣା ଗ୍ରାମର ଜଣେ ନାବାଳିକାଙ୍କୁ କେହି ଦୁର୍ବୃତ୍ତ ଅପହରଣ କରିନେଇଥିଲେ। ଏନେଇ ନାବାଳିକାଙ୍କ ମା’ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ. ୩୬୩/୨୪) ରୁଜୁ କରିଥିଲା। ତଦନ୍ତବେଳେ ନାବାଳିକା ଜଣଙ୍କ ମାନସଙ୍କ ଘରେ ଥିବା ପୋଲିସ ଜାଣିବାକୁ ପାଇଥିଲା। ପରେ ପୋଲିସ ସେଠାରୁ ନାବାଳିକାଙ୍କୁ ଉଦ୍ଧାର କରି ବସୁନ୍ଧରା ଆଶ୍ରମକୁ ପଠାଇବା ସହ ମାନସଙ୍କୁ ଗିରଫ କରିଥିବା ଏସ୍‌ଆଇ ନିରଞ୍ଜନ ଭୋଇ କହିଛନ୍ତି।

### ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଗୁରୁପୂର୍ଣ୍ଣିମା ପାଳିତ

**କଟକ ସଦର,୨୨।୭(ସୁଶାନ୍ତ କୁମାର ଜେନା):** କଟକ ସଦର ବ୍ଲକ ଅନ୍ତର୍ଗତ କନ୍ଦରପୁରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଗୁରୁପୂର୍ଣ୍ଣିମା ପାଳିତ ହୋଇଯାଇଛି। ପ୍ରଧାନ ଆଚାର୍ଯ୍ୟ ପ୍ରଭାକର ବେହେରାଙ୍କ ଆବାହକତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବରିଷ୍ଠ ଗୁରୁଜୀ ଦିଲୀପ କୁମାର ଜେନା ଗୁରୁଶିଷ୍ୟ ସମ୍ପର୍କ ଉପରେ ଆଲୋକପାତ କରିଥିଲେ। ଏଥିରେ ଗୁରୁଜୀ ପ୍ରଣୟ କୁମାର ଜେନା, ସନାତନ ନାୟକ, ପ୍ରଭାତ କୁମାର ପ୍ରଧାନ, ଅନସୂୟା ମହନ୍ତ, ସସ୍ମିତା ପଣ୍ଡା, ଶୁଭଶ୍ରୀ ପ୍ରଧାନ, ସସ୍ମିତା ପାତ୍ର, ରାଜସ୍ମିତା ବିଶ୍ୱାଳ, ଅନିତା ଶତପଥୀ, ପ୍ରିୟଙ୍କା ସିଂ ଯୋଗଦେଇ ଗୁରୁପୂର୍ଣ୍ଣିମାର ତାତ୍ପର୍ଯ୍ୟ ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ଉପଦେଶ ଦେଇଥିଲେ। ଛାତ୍ରୀ ଅନ୍ୱେଷା ଜେନା ନିଜେ ଅଙ୍କନ କରିଥିବା ଶିଶୁ ମନ୍ଦିରର ଚିତ୍ର ଗୁରୁଜୀଙ୍କୁ ଦେଇଥିଲେ।

### ବଜାରରୁ ବାଇକ୍ ଚୋରି

**ବାରଙ୍ଗ,୨୨।୭(ଲିଙ୍ଗରାଜ ରାଉତ):** ବାରଙ୍ଗ ଥାନା ଅଧୀନ କୁସିନ୍ଦା ବଜାରରୁ ସୋମବାର ଦ୍ୱିପ୍ରହରରେ ଏକ ବାଇକ୍ ଚୋରି ହୋଇଥିବା ଅଭିଯୋଗ ହୋଇଛି। ଜୟପୁର ଗ୍ରାମର ସତ୍ୟବ୍ରତ ରାଉତ ତାଙ୍କ ବାଇକ୍ (ଓଡ଼ି୩୩– ଏମ– ୨୫୨୮) ଯୋଗେ କୁସିନ୍ଦା ବଜାରକୁ ଆସିଥିଲେ। ସେଠାରେ ବାଇକ୍ ରଖି ପାଖର ଏକ ଚା’ ଦୋକାନରେ ଚା ପିଇ ଆସିବା ପରେ ବାଇକ୍‌ଟି ସେଠାରେ ନ ଥିବା ଦେଖିବାକୁ ପାଇଥିଲେ। ବହୁ ଖୋଜାଖୋଜି କରିବା ପରେ ବାଇକ୍‌କୁ ନ ପାଇ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଏକ ମକଦ୍ଦମା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

### ଅବସରପ୍ରାପ୍ତ ଟ୍ରେଜେରି ଅଫିସରଙ୍କ ବିୟୋଗରେ ଶ୍ରଦ୍ଧାଞ୍ଜଳି ସଭା

**ଫୁଲନଖରା,୨୨।୭(ସତ୍ୟରଞ୍ଜନ ଦାସମହାପାତ୍ର):** ରିଜର୍ଭ ବ୍ୟାଙ୍କର ଅବସରପ୍ରାପ୍ତ ଟ୍ରେଜେରୀ ଅଫିସର କଟକ ସଦର ଥାନା ଅନ୍ତର୍ଗତ ଭାଣପୁର ଗ୍ରାମର ସୁରେନ୍ଦ୍ର ନାଥ ମଲ୍ଲିକଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ଅବସରରେ ଶ୍ରଦ୍ଧାଞ୍ଜଳି ସଭା ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିଥି ଭାବେ ସିଏମ୍‌ସି ୫୮ ନମ୍ବର ୱାର୍ଡ କର୍ପୋରେଟର ଜନାର୍ଦ୍ଦନ ପରିଡା, କ୍ଷୀରୋଦ ଦାସଙ୍କ ସମେତ ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇ ମଲ୍ଲିକଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗୀତାଞ୍ଜଳି ମଲ୍ଲିକ, ପୁଷ୍ପାଞ୍ଜଳି ମଲ୍ଲିକ, ମିତା ମଲ୍ଲିକ, ଦୁଷ୍ମନ୍ତ ମଲ୍ଲିକ, ଚିତ୍ତରଞ୍ଜନ ମଲ୍ଲିକ, ବିଶ୍ୱଜିତ୍ ମଲ୍ଲିକ ଓ ପରିବାର ସଦସ୍ୟ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ସୁରେନ୍ଦ୍ର ସ୍ଥାନୀୟ ଅଞ୍ଚଳରେ ଜଣେ ମେଳାପୀ, ମିଷ୍ଟଭାଷୀ ଓ ଧର୍ମପରାୟଣ ବ୍ୟକ୍ତି ଭାବେ ପରିଚିତ ଥିଲେ।

# ଚିଠିରେ ସୀମିତ ରୁଫ୍ ଟପ୍ ସୋଲାର ପ୍ଲାଣ୍ଟ

**କଟକ, ୨୨।୭(ଶିଳ୍ପା ପ୍ରିୟଦର୍ଶିନୀ)**



କଟକସ୍ଥିତ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ ଆଣ୍ଡ୍ ହସ୍ପିଟାଲ (ଏସ୍‌ସିବି)ରେ ରୁଫ୍ ଟପ୍ ସୋଲାର ପ୍ଲାଣ୍ଟ ସ୍ଥାପନ ପାଇଁ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏସ୍‌ସିବି କର୍ତ୍ତୃପକ୍ଷଙ୍କୁ ଚିଠି ଲେଖାଯାଇଥିଲା। ହେଲେ ଏପର୍ଯ୍ୟନ୍ତ ଏହି ସୋଲାର ପ୍ଲାଣ୍ଟ ସ୍ଥାପନ କରାଯାଇନାହିଁ। ଏସ୍‌ସିବି ମେଡିକାଲକୁ ସୌରଶକ୍ତି ଦ୍ୱାରା ପରିଚାଳନା କରିବା ପାଇଁ ଯୋଜନା କରାଯାଇଥିଲା। ଏହି ଯୋଜନା ଅନୁଯାୟୀ ମେଡିକାଲ କୋଠାରେ ଉଚ୍ଚକ୍ଷମତା ସମ୍ପନ୍ନ ସୋଲାର ପ୍ଲାଣ୍ଟ ସ୍ଥାପନ କରାଯାଇଥାନ୍ତା। ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ୨ ବର୍ଷ ପୂର୍ବେ ଏକ ଚିଠି ଜରିଆରେ ଏସ୍‌ସିବି କର୍ତ୍ତୃପକ୍ଷଙ୍କୁ ଟେଣ୍ଡର ମାଧ୍ୟମରେ ଏହାର କାର୍ଯ୍ୟ ଆରମ୍ଭ ପାଇଁ ନିର୍ଦ୍ଦେଶ ଦେଇଥିଲେ। ହେଲେ ଏପର୍ଯ୍ୟନ୍ତ ତାହାକୁ କାର୍ଯ୍ୟକାରୀ କରାଯାଇନାହିଁ। ଏପରି କି ଉକ୍ତ ଚିଠିର ଉତ୍ତର ମେଡିକାଲ କର୍ତ୍ତୃପକ୍ଷ ସ୍ୱାସ୍ଥ୍ୟ ବିଭାଗକୁ ଦେଇଛନ୍ତି କି ନାହିଁ ସେ ସମ୍ପର୍କରେ ଜଣାପଡିନାହିଁ। ମେଡିକାଲର ଜଣେ ଅଧିକାରୀଙ୍କ ସୂଚନା ଅନୁଯାୟୀ, ମେଡିକାଲରେ ବହୁ ସମୟ ବିଦ୍ୟୁତ୍ ସମସ୍ୟା ଦେଖାଦେଉଛି। ଏହାକୁ ଦୃଷ୍ଟିରେ ରଖି ୨୦୨୨ରେ ସ୍ୱାସ୍ଥ୍ୟ ବିଭାଗ ମେଡିକାଲ କର୍ତ୍ତୃପକ୍ଷଙ୍କୁ ଏକ ଚିଠି ଲେଖିଥିଲା। ଏଥିରେ ସୋଲାର ପ୍ଲାଣ୍ଟ ସ୍ଥାପନ ନେଇ ମେଡିକାଲ ଛାତ ଉପର, ଖାସ୍ କରି ଛାଇ ଅଞ୍ଚଳର ଫଟୋ ପଠାଇବାକୁ କୁହାଯାଇଥିଲା। ହେଲେ ମେଡିକାଲ କର୍ତ୍ତୃପକ୍ଷ କୌଣସି ଫଟୋ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗକୁ ପଠାଇନାହାନ୍ତି, ଯାହାଦ୍ୱାରା ଏହା କାର୍ଯ୍ୟକାରୀ ହୋଇପାରିନାହିଁ। ଏସ୍‌ସିବି ମେଡିକାଲରେ ମାସକୁ ପ୍ରାୟ ୮୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବିଦ୍ୟୁତ୍ ବିଲ୍ ଆସୁଛି। ଯାହାକି ବର୍ଷକୁ ୮କୋଟିରୁ ଅଧିକ ରହୁଥିବା ସୂଚନା ରହିଛି। ତେବେ ରାଜ୍ୟର ସର୍ବବୃହତ ସରକାରୀ ହସ୍ପିଟାଲ ଭାବେ ପରିଗଣିତ ଏସ୍‌ସିବି ମେଡିକାଲରେ ସୋଲାର ପ୍ଲାଣ୍ଟ ଚିଠିରେ ଅଟକିବା ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ମେଡିକାଲ ସୁପରିଣ୍ଟେଣ୍ଡେଣ୍ଟ ପ୍ରଫେସର ସୁଧାଂଶୁ ଶେଖର ମିଶ୍ର କହିଛନ୍ତି, ପୂର୍ବରୁ ବ୍ୟବସ୍ଥା ହୋଇଥିଲା ଏବେ ଏ ସମ୍ପର୍କରେ କୌଣସି ଆଲୋଚନା କରାଯାଇନାହିଁ। ସେହିପରି ଏସ୍‌ସିବିର ପ୍ରଶାସନିକ ଅଧିକାରୀ ଅବିନାଶ ରାଉତ କହିଛନ୍ତି, ପ୍ରଶାସନିକ ଅଧିକାରୀ ଭାବେ ଦାୟିତ୍ୱ ନେବା ପରେ ଏନେଇ କୌଣସି ଆଲୋଚନା ହୋଇନାହିଁ। ପୂର୍ବରୁ ଏଥିପାଇଁ ଯୋଜନା ହୋଇଛି। ତାହାକୁ କାର୍ଯ୍ୟକାରୀ କରିବା ପାଇଁ ପଦକ୍ଷେପ ନିଆଯିବ ବୋଲି ରାଉତ କହିଛନ୍ତି। ସୂଚନାଯୋଗ୍ୟ, ରାଜ୍ୟ ସରକାରଙ୍କ ଯୋଜନା ଅନୁଯାୟୀ, ଓଡ଼ିଶା ନବୀକରଣ ଶକ୍ତି ଉନ୍ନୟନ ସଂସ୍ଥାର ରିନ୍ୟୁଏବୁଲ ଏନର୍ଜି ସର୍ଭିସ କମ୍ପାନୀ କାର୍ଯ୍ୟକ୍ରମ ଦ୍ୱାରା ରାଜ୍ୟର ୭ଟି ସରକାରୀ ମେଡିକାଲ କଲେଜ ଓ ସମସ୍ତ ଜିଲା ମୁଖ୍ୟ ଚିକିତ୍ସାଳୟରେ ରୁଫ୍ ଟପ୍ ସୋଲାର ପ୍ଲାଣ୍ଟ ପ୍ରତିଷ୍ଠା ପାଇଁ ରାଜ୍ୟ ସରକାର ଯୋଜନା କରିଥିଲେ | ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ସନ୍‌ସ ବ୍ଲେସିଂ ଆଣ୍ଡ୍ ହେଲ୍‌ଥ(ସୁବହା) ଯୋଜନା ଦ୍ୱାରା ଏହା କାର୍ଯ୍ୟକାରୀ କରାଇବାକୁ ଉଦ୍ୟମ ଆରମ୍ଭ କରିଥିଲେ।

# ଧବଳେଶ୍ୱରଙ୍କୁ ଜଳଲାଗି କଲେ ୯ ହଜାର ବୋଲ୍‌ବମ୍ ଭକ୍ତ

**ଖୁଣ୍ଟୁଣୀ, ୨୨।୭(ସଚ୍ଚିଦାନନ୍ଦ ପଣ୍ଡା)**

## ଶ୍ରାବଣର ପ୍ରଥମ ସୋମବାର

ଶ୍ରାବଣର ପ୍ରଥମ ସୋମବାରରେ କଟକ ଜିଲା ଆଠଗଡ଼ର ପ୍ରସିଦ୍ଧ ଧବଳେଶ୍ୱର ପୀଠ ଚଳଚଞ୍ଚଳ ହୋଇଉଠିଥିଲା। ଠାକୁରଙ୍କର ବିଭିନ୍ନ ନୀତି ପରେ ସର୍ବସାଧାରଣଙ୍କ ଦର୍ଶନ ପାଇଁ ଭୋର ୫ଟାରେ ମନ୍ଦିର ଦ୍ୱାର ଖୋଲା ଯାଇଥିଲା। ବିଭିନ୍ନ ସ୍ଥାନରୁ ଆସିଥିବା ବୋଲ୍‌ବମ୍ ଭକ୍ତମାନେ କଂକ୍ରିଟ୍ ପୋଲ ପୂର୍ବରୁ ବାହୁଙ୍ଗୀ ରଖି ବ୍ୟାରିକେଡ୍ ମଧ୍ୟରେ ଠାକୁରଙ୍କ ନିକଟରେ ପହଞ୍ଚି ଜଳଲାଗି କରିଥିଲେ। ଏହି ସୋମବାର ୯ ହଜାରରୁ ଊର୍ଦ୍ଧ୍ୱ ଭକ୍ତ ଜଳଲାଗି କରିଥିବା ଦେବୋତ୍ତର ସୁପରଭାଇଜର ଭବାନୀ ଶଙ୍କର ପଣ୍ଡା କହିଛନ୍ତି। ପୂର୍ବରୁ ଧବଳେଶ୍ୱର ପୀଠକୁ ପଲିଥିନ ଓ ପ୍ଲାଷ୍ଟିକ୍ ଡାଲ ଆଣିବା ପାଇଁ ବାରଣ କରାଯାଇଥିଲା। ଫଳରେ ବୋଲ୍‌ବମ୍ ଭକ୍ତମାନେ ତାହାକୁ ଆଣି ନ ଥିଲେ। ପୀଠ ଓ ପୀଠ ବାହାରେ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଗୁରୁଡିଝାଟିଆ ଆଇଆଇସି ପରେଶ କୁମାର ମହାନ୍ତି, ଧବଳେଶ୍ୱର ଫାଣ୍ଡି ଅଧିକାରୀ ଗିରିଶ ମହାନ୍ତି, ଚୌଦ୍ୱାର ଏସ୍‌ଡିପିଓ ଉମାକାନ୍ତ ନାୟକଙ୍କ ଉପସ୍ଥିତିରେ ଏକ ପ୍ଲାଟୁନ୍ ଫୋର୍ସ ମୁତୟନ କରାଯାଇଥିଲା। ମାଜିଷ୍ଟ୍ରେଟ ଭାବେ ଅତିରିକ୍ତ ତହସିଲଦାର ସମରେନ୍ଦ୍ର ଭଞ୍ଜ ଉପସ୍ଥିତ ଥିଲେ। ଆଠଗଡ଼ ଦେବୋତ୍ତର ମୁଖ୍ୟ ତଥା ଉପଜିଲାପାଳ ପ୍ରଶାନ୍ତ କୁମାର ତରାଇ ପୀଠରେ ପହଞ୍ଚି ସମସ୍ତ ବ୍ୟବସ୍ଥା ତଦାରଖ କରିଥିଲେ। ପ୍ରଥମ ସୋମବାରରେ ଶୃଙ୍ଖଳାର ସହିତ କାର୍ଯ୍ୟ ସମ୍ପନ୍ନ ହୋଇଥିବା ପୂଜକ ସମାଜ ସଭାପତି ବିଷ୍ଣୁ ଚରଣ ପତ୍ରୀ ଓ ସମ୍ପାଦକ ନରେନ୍ଦ୍ର କୁମାର ପଣ୍ଡା କହିଛନ୍ତି।



ଧବଳେଶ୍ୱରଙ୍କ ପୀଠରେ ଜଳଲାଗି କରିବା ପାଇଁ ବୋଲବମ୍ ଭକ୍ତମାନେ ଅପେକ୍ଷା କରିଛନ୍ତି।



କଟକସ୍ଥିତ ଶୈଳବାଳା ସ୍ୱୟଂଶାସିତ ମହିଳା ମହାବିଦ୍ୟାଳୟ ହଲ୍‌ରେ ସୋମବାର ଛାତ୍ରୀମାନେ ଯୁକ୍ତ୨ ପାଇଁ ନାମ ଲେଖାଉଛନ୍ତି।

### ‘ପ୍ରତ୍ୟେକ ବ୍ୟକ୍ତି ଚାରା ଲଗାଇ ଯତ୍ନ ନିଅନ୍ତୁ’

**‘ମା ପାଇଁ ଗଛଟିଏ’ କାର୍ଯ୍ୟକ୍ରମ**

**ଚୌଦ୍ୱାର,୨୨।୭(ଆଶୁତୋଷ ଦାସ)**

ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅଧୀନ ଶାଳଗାଁ ଗ୍ରାମର ଷ୍ଟାର୍ କ୍ଲବ୍ ପକ୍ଷରୁ ମା’ ପାଇଁ ଗଛଟିଏ କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଯାଇଛି। ଭାଜପା ମଣ୍ଡଳ ସଭାପତି ପ୍ରସନ୍ନ ଚୌଧୁରୀଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲା ଉପସଭାପତି ଧନେଶ୍ୱର ନାୟକ, ଜିଲା କୃଷକ ମୋର୍ଚ୍ଚା ସଭାପତି ରୋହିତ ମହାନ୍ତି, ଧ୍ରୁବ ଚରଣ ବେହେରା, ମିହିର ସାହୁ, ପ୍ରଶାନ୍ତ କୁମାର ମହାନ୍ତି, ଗୁଟୁ କାନୁନ୍‌ଗୋ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଗୋଟିଏ ଗଛ ଗୋଟିଏ ଜୀବନ, ଏଣୁ ପ୍ରତ୍ୟେକ ବ୍ୟକ୍ତି ଗୋଟିଏ ଚାରା ଲଗାଇ ତାହାର ଯତ୍ନ ନେବା ପାଇଁ ଅତିଥିମାନେ ଉପସ୍ଥିତ ଗ୍ରାମବାସୀଙ୍କୁ କହିଥିଲେ। ଏହି ଅବସରରେ ଷ୍ଟାର୍ କ୍ଲବ୍‌ର ସନ୍ତୋଷ ବେହେରା, ଆଶୀର୍ବାଦ କାନୁନ୍‌ଗୋ, ଶୈଳେନ୍ଦ୍ର ଦେବଶର୍ମା, ଗଣେଶ ବେହେରା, ରତିରଞ୍ଜନ ଦାସଙ୍କ ସମେତ ଗ୍ରାମବାସୀ ଚାରାରୋପଣ କରିଥିଲେ।

# ଚୌଦ୍ୱାରରେ ନୂତନ ଶିଳ୍ପ ପ୍ରତିଷ୍ଠା କରାଯାଉ

**ଚୌଦ୍ୱାର,୨୨।୭(ଆଶୁତୋଷ ଦାସ)**

## ଆରମ୍ଭହେଲା ଦସ୍ତଖତ ସଂଗ୍ରହ ଅଭିଯାନ

ଚୌଦ୍ୱାର ସହର ଓ ଏହାର ଆଖପାଖରେ ଶିଳ୍ପାଞ୍ଚଳରେ ଗଢି ଉଠିଥିବା ପ୍ରାୟ ଶିଳ୍ପ ବନ୍ଦ ହୋଇଯାଇଛି। ଚୌଦ୍ୱାର ଅଞ୍ଚଳର ପ୍ରାୟ ୧୨୦୦ ଏକର ଜମିରେ ନୂତନ ଶିଳ୍ପ ପ୍ରତିଷ୍ଠା ସହିତ ଚୌଦ୍ୱାରର ପୂର୍ବ ଅସ୍ମିତା ଫେରାଇବା ଦାବିରେ ସ୍ଥାନୀୟ ଥର୍ମାଲ ରୋଡ୍‌ସ୍ଥିତ କାଳୀମନ୍ଦିରରୁ ସୋମବାରଠାରୁ ଦସ୍ତଖତ ଅଭିଯାନ ଆରମ୍ଭ ହୋଇଛି। ଭାଜପା ରାଜ୍ୟ ସାଧାରଣ ସମ୍ପାଦକ, ଓବିସି ମୋର୍ଚ୍ଚା ଓ ସଚେତନ ନାଗରିକ ମଞ୍ଚ ପକ୍ଷରୁ ଏହି କାର୍ଯ୍ୟକ୍ରମ କରାଯାଇଛି। ଓଟିଏମ୍ ଜାଗାରେ ୱେଲସ୍ପନ କମ୍ପାନୀ ଯଥାଶୀଘ୍ର କାର୍ଯ୍ୟକ୍ଷମ କରିବା, ବନ୍ଦ ହୋଇଥିବା ବିଲ୍ଟ କାଗଜ କଳ, ଲିନ୍ତ୍ରା କାର୍ପେଟ ଆଦି ସ୍ଥାନରେ ନୂତନ ଶିଳ୍ପ ପ୍ରତିଷ୍ଠା, ଗୋପାଳପୁର ଶିଳ୍ପାଞ୍ଚଳରେ ଅସାଧୁ ବ୍ୟବସାୟୀଙ୍କଠାରୁ ଜମି ଇଡ୍‌କୋ ନିଜ ଅକ୍ତିଆରକୁ ଆଣି ସେଠାରେ ନୂତନ ଶିଳ୍ପ ପ୍ରତିଷ୍ଠା କରାଗଲେ ଚୌଦ୍ୱାର ପୁଣି ଶିଳ୍ପ ନଗରୀ ହେବା ସହ ତାହାର ଅସ୍ମିତା ଫେରିପାଇବା ଲେଖାଥିବା କାଗଜରେ ଦସ୍ତଖତ ସଂଗ୍ରହ ଅଭିଯାନ ଆରମ୍ଭ ହୋଇଛି। ଏହି କାର୍ଯ୍ୟକ୍ରମରେ ସଚେତନ ନାଗରିକ ମଞ୍ଚ ଆବାହକ ସତ୍ୟବ୍ରତ ଦାସ, ପ୍ରଶାନ୍ତ ହୋତା, ଲାଲମୋହନ ପରିଡା, ରମେଶ ନାୟକ, ଦେବେନ୍ଦ୍ର ପୃଷ୍ଟି, ପ୍ରକାଶ ନାୟକ, ସଞ୍ଜୟ ମହାରଣା, ଗଗନ ସାହୁଙ୍କ ସମେତ ବହୁ ବୁଦ୍ଧିଜୀବୀ ସାମିଲ ହୋଇଛନ୍ତି। ପ୍ରଥମ ଦିନରେ ୩୦୦ରୁ ଊର୍ଦ୍ଧ୍ୱ ଦସ୍ତଖତ ସଂଗ୍ରହ କରାଯାଇଥିବାବେଳେ ୧ ସପ୍ତାହ ଧରି ଏହି କାର୍ଯ୍ୟକ୍ରମ ଚାଲିବ ବୋଲି ଜଣାପଡିଛି।

# କ୍ଷତିପୂରଣ ପ୍ରଦାନ ପାଇଁ ବିଧାୟକଙ୍କୁ ଦାବିପତ୍ର

**କଟକ ସଦର,୨୨।୭(ସୁଶାନ୍ତ କୁମାର ଜେନା)**

କଟକ-ନୂଆଗାଁ ୫୫ ନମ୍ବର ଜାତୀୟ ରାଜପଥର ସମ୍ପ୍ରସାରଣ ପାଇଁ କନ୍ଦରପୁର ବଜାରରୁ ଜବରଦଖଲ ଉଚ୍ଛେଦ କରାଯିବ। ଏଥିପାଇଁ ଉଠାଦୋକାନୀଙ୍କୁ କୌଣସି କ୍ଷତିପୂରଣ ଦେବାର ବ୍ୟବସ୍ଥା ଜାତୀୟ ରାଜପଥ ପ୍ରାଧିକରଣ କରିନାହିଁ। ତୁରନ୍ତ କ୍ଷତିପୂରଣ ପ୍ରଦାନ ଦାବିରେ ଉଠାଦୋକାନୀଙ୍କ ପକ୍ଷରୁ କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। କଟକ ସଦର ବିଚାର ମଞ୍ଚ ଜରିଆରେ ଦିଆଯାଇଥିବା ଦାବିପତ୍ରରେ ପର୍ଯ୍ୟାପ୍ତ କ୍ଷତିପୂରଣ ଦେଇ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ ପାଇଁ ଅନୁରୋଧ କରାଯାଇଛି। ଏହା ଉପରେ ଜାତୀୟ ରାଜପଥ ପ୍ରାଧିକରଣ କର୍ତ୍ତୃପକ୍ଷଙ୍କ ସହ କଥା ହେବେ ବୋଲି ବିଧାୟକ କହିଛନ୍ତି।

# ଅଭିଯୁକ୍ତ ସ୍ୱାମୀଙ୍କୁ ଆଜୀବନ ଜେଲଦଣ୍ଡ

**କଟକ,୨୨।୭ (କାର୍ତ୍ତିକ ସାହୁ)**

## ଟିକାକରଣବେଳେ ଏଏନ୍‌ଏମ୍ ସ୍ତ୍ରୀଙ୍କୁ ହତ୍ୟା ମାମଲା

କଟକ ସଦର ଥାନା ଅଞ୍ଚଳରେ ଘଟିଥିବା ଏକ ହତ୍ୟା ମାମଲାର ରାୟ ସୋମବାର ପ୍ରକାଶ ପାଇଛି। ଏହି ମାମଲାରେ କଟକର ଦ୍ୱିତୀୟ ଅତିରିକ୍ତ ସେସନ୍ ଜଜ୍ ଅଭିଯୁକ୍ତ ଅକ୍ଷୟ କୁମାର ସାହୁଙ୍କୁ ଆଜୀବନ ଜେଲଦଣ୍ଡ ସହ ୧୦ ହଜାର ଟଙ୍କା ଜରିମାନା ପ୍ରଦାନ କରିବାକୁ ଆଦେଶ ଦେଇଛନ୍ତି। ଜରିମାନା ଅନାଦାୟେ ଅଧିକ ୧ ବର୍ଷ କାରାଦଣ୍ଡ ଭୋଗିବାକୁ ପଡ଼ିବ ବୋଲି କୋର୍ଟ ତାଙ୍କ ଆଦେଶରେ ସ୍ପଷ୍ଟ କରିଛନ୍ତି। କଟକ ସଦର ଥାନା ଅଧୀନ ମହୁରା ସରକାରୀ ପ୍ରାଥମିକ ବିଦ୍ୟାଳୟର ଏକ କୋଠରିରେ ୨୦୨୦ ଜୁଲାଇ ୮ରେ ଟିକାକରଣ କାର୍ଯ୍ୟ ଚାଲିଥିଲା। ଏଏନ୍‌ଏମ୍ ପ୍ରୀତି ପ୍ରଧାନ, ଆଶାକର୍ମୀ ମୀନା ନାୟକ ଓ ଅଙ୍ଗନୱାଡି ସହାୟିକା ପ୍ରେମଲତା ଦାସ ଟୀକାକରଣ କରୁଥିଲେ। ପ୍ରଧାନ ଶିକ୍ଷକ ଚିତ୍ତରଞ୍ଜନ ପଟ୍ଟନାୟକ ପୂର୍ବାହ୍ନ ସାଢେ ୧୦ଟାରେ ସ୍କୁଲକୁ ଆସି ଅଫିସ କାର୍ଯ୍ୟ କରୁଥିଲେ। ମଧ୍ୟାହ୍ନ ପ୍ରାୟ ୧୨ଟାରେ ଆଶାକର୍ମୀ ଓ ଅଙ୍ଗନୱାଡି ସହାୟିକା ଦୁହେଁ ପ୍ରଧାନ ଶିକ୍ଷକଙ୍କ କାର୍ଯ୍ୟାଳୟକୁ ଆସି ପ୍ରୀତିଙ୍କୁ ତାଙ୍କ ସ୍ୱାମୀ ଛୁରିରେ ହତ୍ୟା କରିଥିବା କହିଥିଲେ। ପରେ ଚିତ୍ତରଞ୍ଜନ ଏନେଇ ପୋଲିସକୁ ଜଣାଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚିବାବେଳକୁ ଅଭିଯୁକ୍ତ ସ୍ୱାମୀ ସ୍କୁଲ ବାରଣ୍ଡାରେ ସ୍ତ୍ରୀଙ୍କ ମୃତଦେହ କୋଳରେ ଧରି ବସିରହିଥିବା ଦେଖିଥିଲେ। ଏନେଇ ଚିତ୍ତରଞ୍ଜନ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ୨୦୨୦ ନଭେମ୍ବର ୪ରେ ପୋଲିସ ଅଭିଯୁକ୍ତଙ୍କ ବିରୋଧରେ କୋର୍ଟରେ ଅଭିଯୋଗପତ୍ର ଦାଖଲ କରିଥିଲା। ୨୦୨୧ ସେପ୍ଟେମ୍ବର ୧୭ରେ କୋର୍ଟରେ ଚାର୍ଜଫ୍ରେମ୍ ହୋଇଥିଲା। ରାଜ୍ୟ ସରକାରଙ୍କ ପକ୍ଷରୁ ଅତିରିକ୍ତ ପବ୍ଲିକ୍ ପ୍ରସିକ୍ୟୁଟର୍ ବିଜୟ କୁମାର ମହାନ୍ତି ମାମଲା ପରିଚାଳନା କରୁଥିଲେ।

# ‘ଗବେଷଣାରେ ଅନ୍ତର୍ଭୁକ୍ତ କର କୌଶଳ’

**କଟକ,୨୨।୭ (କାର୍ତ୍ତିକ ସାହୁ)**




ଜାତୀୟ ଧାନ ଗବେଷଣା ଅନୁଷ୍ଠାନରେ ଅନୁକର୍ମଶାଳାରେ ଅତିଥିମାନେ ପୁସ୍ତିକା ଉନ୍ମୋଚନ କରୁଛନ୍ତି।

## ଏନ୍‌ଆର୍‌ଆର୍‌ଆଇରେ ଉଚ୍ଚସ୍ତରୀୟ କର୍ମଶାଳା

କଟକସ୍ଥିତ ଜାତୀୟ ଧାନ ଗବେଷଣା ଅନୁଷ୍ଠାନ(ଏନ୍‌ଆର୍‌ଆର୍‌ଆଇ)ରେ ଉଚ୍ଚସ୍ତରୀୟ କର୍ମଶାଳା ସୋମବାର ଉଦ୍‌ଘାଟିତ ହୋଇଯାଇଛି। ଭାରତ ବିଜ୍ଞାନ ଏବଂ ଇଞ୍ଜିନିୟରିଂ ଅନୁସନ୍ଧାନ ବୋର୍ଡ ଦ୍ୱାରା ପ୍ରାୟୋଜିତ ଏହି କର୍ମଶାଳାରେ କୀଟନାଶକ ଏବଂ ମେଟାବୋଲାଇଟ ପରୀକ୍ଷଣ ଉପରେ ଗୁରୁତ୍ୱାରୋପ କରାଯାଉଛି। ଏଥିରେ ୧୬ ରାଜ୍ୟର ୨୪ଟି ଅନୁଷ୍ଠାନରୁ ପ୍ରତିନିଧିତ୍ୱ କରୁଥିବା ୩୦ ଜଣ ପିଏଚ୍.ଡି. ଏବଂ ସ୍ନାତକୋତ୍ତର ଛାତ୍ରୀଛାତ୍ର ଅଂଶଗ୍ରହଣ କରୁଛନ୍ତି। ମୁଖ୍ୟ ଅତିଥି ଭାବେ ଭାରତୀୟ କୃଷି ଅନୁସନ୍ଧାନ ପରିଷଦ-ଜାତୀୟ କୃଷି ବିଜ୍ଞାନ କୋଷର ସହକାରୀ ମହାନିର୍ଦ୍ଦେଶକ ଡ. ଜିତେନ୍ଦ୍ର କୁମାର କର୍ମଶାଳାକୁ ଉଦ୍‌ଘାଟନ କରି ତାଲିମଦାତାମାନେ ଭବିଷ୍ୟତ ଗବେଷଣା କାର୍ଯ୍ୟରେ କୌଶଳ ଅନ୍ତର୍ଭୁକ୍ତ କରିବାକୁ ପରାମର୍ଶ ଦେଇଛନ୍ତି। ସମ୍ମାନିତ ଅତିଥି ଗୁଜରାଟ ବିଶ୍ୱବିଦ୍ୟାଳୟର ପରିବେଶ ଏବଂ ପ୍ରାକୃତିକ ସମ୍ପଦର ପୂର୍ବତନ ନିର୍ଦ୍ଦେଶକ ପ୍ରଫେସର ଡ. ଭି. କେ. ଜୈନ୍ ଆନାଲିଟିକାଲ ରସାୟନ ଉପରେ କେତେକ ପରାମର୍ଶ ଦେଇଥିଲେ। ଏହି ଅବସରରେ ଅତିଥିମାନେ ଏକ ପୁସ୍ତିକା ଉନ୍ମୋଚନ କରିଥିଲେ। ଅନୁଷ୍ଠାନର ନିର୍ଦ୍ଦେଶକ, ଡ. ଏମ୍. ଜେ. ବେଗ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। କର୍ମଶାଳାର ପୃଷ୍ଠପୋଷକ ତଥା ଫସଲ ସୁରକ୍ଷା ବିଭାଗର ମୁଖ୍ୟ ଡ. ଶ୍ୟାମାରଞ୍ଜନ ଦାସ ମହାପାତ୍ର ସ୍ୱାଗତ ଭାଷଣ ଦେଇଥିଲେ। କର୍ମଶାଳାର ପାଠ୍ୟକ୍ରମ ନିର୍ଦ୍ଦେଶକ ଡ. ଟୋଟନ ଅଦକ ପାଠ୍ୟକ୍ରମର ପ୍ରସଙ୍ଗ ସୂଚିତ କରିଥିଲେ। ଡ. ଗୁରୁ ପ୍ରସନ୍ନ ପାଣ୍ଡି ଧନ୍ୟବାଦ ଦେଇଥିଲେ।



ଲଗାଣ ବର୍ଷା ଫଳରେ କଟକ ଯୋବ୍ରା ଆନିକଟ ଦେଇ ମହାନଦୀରେ ପ୍ରବାହିତ ଗୋଳିଆ ପାଣି।



କଟକ ରାଣୀହାଟ ତାଳଦଣ୍ଡା କେନାଲର ସୌନ୍ଦର୍ଯ୍ୟକରଣ ପାଇଁ ରାସ୍ତା ପାର୍ଶ୍ୱ ଫୁଟ୍‌ପାଥ୍‌ରେ ବିଛା ଯାଇଥିବା ପେଭର ବ୍ଲକ ଭୁଶୁଡି ପଡିଛି।




୨୨।୭।୨୦୨୪

| | |
|---|---|
| ୪,୭୯,୧୪୪ ଟଙ୍କା | |
| ସୁନା | ୪୨୦ ମିଲି ଗ୍ରାମ୍ |
| ରୁପା | ୪୪.୫୦୦ ଗ୍ରାମ୍ |

# ଚନ୍ଦ୍ର ପଛରେ ଲୁଚିବ ଶନି

## ୨୪ରେ ବିରଳ ମହାଜାଗତିକ ଦୃଶ୍ୟ

ଭୁବନେଶ୍ୱର, ୨୨।୭(ଅସମାପିକା ସାହୁ)

ଆସନ୍ତା ୨୪ ତାରିଖରେ ଏକ ବିରଳ ତଥା ସୁନ୍ଦର ମହାଜାଗତିକ ଘଟଣା ଦେଖିବାର ସୁଯୋଗ ମିଳିବ। ବୁଧବାର ମଧ୍ୟରାତ୍ର ପରେ ଖାଲି ଆଖିରେ ଦେଖାଯାଉଥିବା ଶନି ଗ୍ରହ ଚନ୍ଦ୍ର ପଛରେ ଲୁଚି ଯାଇ ଅଦୃଶ୍ୟ ହୋଇଯିବ। କିଛି ସମୟ ପରେ ପୁନର୍ବାର ଦେଖାଯିବ। ଅନେକ ସ୍ଥାନରେ ୩୦ ମିନିଟରୁ ଅଧିକ ସମୟ ପର୍ଯ୍ୟନ୍ତ ଶନି ଗ୍ରହ ଚନ୍ଦ୍ର ପଛରେ ଲୁଚି ରହିବ। ଘଟଣାଟିକୁ ଏକ ପ୍ରକାର ପରାଗ କହିପାରିବା ବୋଲି ପଠାଣି ସାମନ୍ତ ପ୍ଲାନେଟାରିୟମ ପୂର୍ବତନ ଉପନିର୍ଦ୍ଦେଶକ ଶୁଭେନ୍ଦୁ ପଟ୍ଟନାୟକ କହିଛନ୍ତି। ସେ କହିଛନ୍ତି, ସୂର୍ଯ୍ୟୋପରାଗ ସମୟରେ ଚନ୍ଦ୍ର ସୂର୍ଯ୍ୟକୁ ଘୋଡାଇ ଦେଇଥାଏ। ଏଠି ଚନ୍ଦ୍ର ଶନି ଗ୍ରହକୁ ଘୋଡାଇ ଦେବ। ପ୍ରତିବର୍ଷ ଚନ୍ଦ୍ର ପଛରେ କିଛି ତାରା ଓ ଗ୍ରହ ଲୁଚିଥାଆନ୍ତି। ଚନ୍ଦ୍ର ପଛରେ ଶନି ଗ୍ରହ ଧୀରେ ଧୀରେ ଲୁଚିବା ଓ ପୁନର୍ବାର ଧୀରେ ଧୀରେ ଚନ୍ଦ୍ର ପଛରୁ ବାହାରିବା ଅତ୍ୟନ୍ତ ମନୋରମ ଦୃଶ୍ୟ । ଆକାଶ ମେଘ ମୁକ୍ତ ରହିଲେ ଓଡ଼ିଶାର ସବୁ ଅଞ୍ଚଳରୁ ୨୪ ତାରିଖ ବୁଧବାର ମଧ୍ୟରାତ୍ର ପରେ ପ୍ରାୟ ୧ଟା ୩୦ରୁ ୨ଟା ୩୭ ମଧ୍ୟରେ ଏହି ବିରଳ ମହାଜାଗତିକ ଦୃଶ୍ୟକୁ ଖାଲି ଆଖିରେ ଦେଖିହେବ। ନିର୍ଦ୍ଧାରିତ ସମୟର ୧୫ ମିନିଟ ପୂର୍ବରୁ ଦେଖିବାକୁ ପଡିବ ବୋଲି ଶୁଭେନ୍ଦୁ କହିଛନ୍ତି।




ସେଲ୍ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com



@ ନୀଲି



@ ବିଜୟ



@ ଦିୱାକର

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ବିଷାକ୍ତ ଛତୁ ଖାଇ ୩ ଅସୁସ୍ଥ

କଣାସ,୨୨।୭(ବିଭୂତି ଭୂଷଣ ତ୍ରିପାଠୀ)

ପୁରୀ ଜିଲା କଣାସ ବ୍ଲକ ଅଧୀନ ବଡ଼ାଲ ଗ୍ରାମପଞ୍ଚାୟତର ବଡ଼ଓରା ଗ୍ରାମରେ ରବିବାର ଛତୁ ଖାଇ ୩ ଜଣ ଅସୁସ୍ଥ ହୋଇପଡ଼ିଥିବା ଜଣାପଡ଼ିଛି। ଖବର ନେବାରେ ଜଣାପଡ଼ିଛି, ଗ୍ରାମର ଦୋସା ପ୍ରଧାନ, ସୂର୍ଯ୍ୟକାନ୍ତ ପ୍ରଧାନ, ମାମାଲି ସ୍ୱାଇଁ ରବିବାର ଘର ବାରିପଟେ ବାଲିରେ ଉଠିଥିବା ଛତୁ ତୋଳି ଆଣି ତରକାରି କରି ଖାଇଥିଲେ। ଛତୁ ତରକାରି ଖାଇବା ପରେ ସେମାନେ ଅସୁସ୍ଥ ହୋଇପଡ଼ିଥିଲେ। ସେମାନଙ୍କୁ ପରିବାର ଲୋକ ଚିକିତ୍ସା ପାଇଁ କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେମାନେ ବର୍ତ୍ତମାନ ସୁସ୍ଥ ଥିବା ଜଣାପଡ଼ିଛି।

# ଏସ୍‌ସିବିରୁ ସୁସ୍ଥ ହୋଇ ଫେରିଲେ ଓମ୍‌ପ୍ରକାଶ

କଟକ, ୨୨।୭(ଶିଳ୍ପା ପ୍ରିୟଦର୍ଶିନୀ)

ଏସ୍‌ସିବି ମେଡିକାଲରୁ ସୁସ୍ଥ ହୋଇ ଫେରିଛନ୍ତି ଯାଜପୁର ଅଞ୍ଚଳର ଓମ୍‌ପ୍ରକାଶ ପ୍ରଧାନ(୧୧)। ସେ ପ୍ରାୟ ୧୪ ଦିନ ହେବ ଏସ୍‌ସିବି ମେଡିକାଲର କାର୍ଡିଓଥେରାସିସ ଆଣ୍ଡ୍ ଭାସ୍କୁଲାର ସର୍ଜରି (ସିଟିଭିଏସ୍) ବିଭାଗରେ ଚିକିତ୍ସିତ ହେଉଥିଲେ। ଓମ୍‌ପ୍ରକାଶଙ୍କ ଗୋଡର ଏକ ଧମନୀରେ ରକ୍ତ ଜମାଟ ବାନ୍ଧିବା ସହ ସେ ଡିଭିଟି ରୋଗରେ ଆକ୍ରାନ୍ତ ହୋଇଛନ୍ତି। ରାଷ୍ଟ୍ରୀୟ ବାଲ୍ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ (ଆର୍‌ବିଏସ୍‌କେ) ସହଯୋଗରେ ଓମ୍‌ପ୍ରକାଶଙ୍କ ଚିକିତ୍ସା ବ୍ୟବସ୍ଥା କରାଯାଇଛି। ସୂଚନାଯୋଗ୍ୟ, ୬ମାସ ପୂର୍ବେ ଓମ୍‌ପ୍ରକାଶ ସାଇକେଲରୁ ପଡ଼ିଯିବାରୁ ପାଦରେ ଗୁରୁତର ଆଘାତ ଲାଗିଥିଲା। ଚିକିତ୍ସା ଲାଗି ତାଙ୍କ ମା’ ରଶ୍ମିରେଖା ଏସ୍‌ସିବି ମେଡିକାଲକୁ ଆଣିଥିଲେ। ହେଲେ ଓମ୍‌ପ୍ରକାଶ ଚିକିତ୍ସାରୁ ବଞ୍ଚିତ ହୋଇଥିଲେ। ଗତ ୨୫ ତାରିଖରେ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ଏସ୍‌ସିବି ମେଡିକାଲ ପରିଦର୍ଶନରେ ଆସିଥିବାବେଳେ ରଶ୍ମିରେଖା ତାଙ୍କୁ ଭେଟି ପୁଅର ଚିକିତ୍ସା ପାଇଁ ଗୁହାରି କରିଥିଲେ। ପରେ ମନ୍ତ୍ରୀ ଓମ୍‌ପ୍ରକାଶଙ୍କ ଚିକିତ୍ସା ନେଇ ଉପସ୍ଥିତ ଥିବା ଡାକ୍ତରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ହେଲେ ଏହି ନିର୍ଦ୍ଦେଶକୁ ମେଡିକାଲ କର୍ତ୍ତୃପକ୍ଷ ଖାତିର କରି ନ ଥିଲେ। ଏନେଇ ଧରିତ୍ରୀରେ ଖବର ପ୍ରକାଶ ପାଇବା ପରେ ଏସ୍‌ସିବିରେ ଓମ୍‌ପ୍ରକାଶଙ୍କ ଚିକିତ୍ସା କରାଯାଇଥିଲା।

# ମହିଳାମାନେ ରମାଦେବୀଙ୍କ ଭଳି ତ୍ୟାଗ କରିପାରିବେ: ନନ୍ଦିତା

## ୨ଦିନିଆ ଜାତୀୟ ଆଲୋଚନାଚକ୍ର

ଭୁବନେଶ୍ୱର,୨୨।୭(ଶର୍ମିଷ୍ଠା ପାଣିଗ୍ରାହୀ)

ଅନେକ ସମୟରେ ନାରୀମାନଙ୍କ କ୍ଷେତ୍ରରେ ତ୍ୟାଗ ଓ ଅଧିକାରର ଶବ୍ଦକୁ ବ୍ୟବହାର କରାଯାଏ। ମାତ୍ର ନାରୀଟିଏ ଯେବେ ତ୍ୟାଗ କରେ ସେ ପୁଣି ନିଜ ଅଧିକାର ବିଷୟରେ କିଭଳି କହିବ ଏ ନେଇ ଦ୍ୱନ୍ଦ୍ୱ ସୃଷ୍ଟି ହୁଏ। ଆମେ ଯେତେବେଳେ ଅଧିକାର କଥା କହୁ ସ୍ୱାର୍ଥୀ ବୋଲି ବିବେଚିତ ହେଉ। ମାତ୍ର ତ୍ୟାଗ ଓ ଅଧିକାର ମଧ୍ୟରେ ଥିବା ସମ୍ବନ୍ଧକୁ ନାରୀ ବୁଝିବା ଆବଶ୍ୟକ। ଅଧିକାର ସମ୍ପର୍କରେ ଅବଗତ ହେଲେ ହିଁ ଜଣେ ମା’ ରମାଦେବୀଙ୍କ ଭଳି ତ୍ୟାଗ କରିପାରିବ। ମା’ ରମାଦେବୀଙ୍କ ତ୍ୟାଗ ପଛରେ ଅଧିକାରର ଚେତନା ରହିଥିଲା, ଯାହାକି ସ୍ୱାଧୀନତା ସଂଗ୍ରାମରେ ସ୍ପଷ୍ଟ ପରିଲକ୍ଷିତ ହୋଇଥିଲା ବୋଲି ଫିଲ୍ମ ନିର୍ମାତା ତଥା ଅଭିନେତ୍ରୀ ନନ୍ଦିତା ଦାସ କହିଛନ୍ତି।

ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ପକ୍ଷରୁ ସୋମବାର ମା’ ରମାଦେବୀଙ୍କ ୩୯ତମ ପୁଣ୍ୟତିଥି ଅବସରରେ ‘ସାମ୍ପ୍ରତିକ ସମୟର ଆହ୍ୱାନକୁ ମୁକାବିଲା କରିବାରେ ମା’ ରମାଦେବୀଙ୍କ ଦୂରଦୃଷ୍ଟିର ପ୍ରାସଙ୍ଗିକତା’ ଶୀର୍ଷକ ୨ଦିନିଆ ଜାତୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ନନ୍ଦିତା କହିଲେ, ନିଜ ଅଧିକାର ପାଇଁ ସଂଘର୍ଷ କରିବା ସ୍ୱାର୍ଥପରତା ନୁହେଁ। ତେଣୁ ଅଧିକାର ଓ ତ୍ୟାଗ ମଧ୍ୟରେ ସମନ୍ୱୟ ରହିବା ଏକାନ୍ତ ଆବଶ୍ୟକ ବୋଲି ସେ ମତପ୍ରକାଶ କରିଥିଲେ।

ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଅପରାଜିତା ଚୌଧୁରୀ ସଭାପତିତ୍ୱ କରି ମୁଁ ଓ ଆମେ ମଧ୍ୟରେ ଥିବା ସମ୍ପର୍କ ଉପରେ ଗୁରୁତ୍ୱାରୋପ କରିଥିଲେ। ସେ କହିଥିଲେ, ଏବେ ଆମେ ଯେଉଁ ଆର୍ଟ ଅଫ୍ ଗିଭିଂର କଥା କହୁଛନ୍ତି, ତାହା ସେତେବେଳେ ମା’ ରମାଦେବୀ କରୁଥିଲେ। ସମାଜସେବା, ସମାଜ ସଂସ୍କାର, ନାରୀ ସଶକ୍ତୀକରଣ, ବିଶେଷ କରି ଶିକ୍ଷା କ୍ଷେତ୍ରରେ ରମାଦେବୀ ଅନନ୍ୟ। ସମ୍ମାନିତ ଅତିଥି ତଥା ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ପ୍ରଫେସର ଚଣ୍ଡୀ ଚରଣ ରଥ କହିଲେ, ରେବତୀ ଗଳ୍ପରେ ନାୟିକାଙ୍କ ଚିନ୍ତା, ଚେତନା, କର୍ମର ଜ୍ୱଳନ୍ତ ଉଦାହରଣ ଥିଲେ ରମାଦେବୀ। କୁଳସଚିବ ଶ୍ୟାମଳୀ ମହାପାତ୍ର ମା’ ରମାଦେବୀଙ୍କ ପରୋପକାରିତା ସମ୍ପର୍କରେ ଆଲୋଚନା କରିଥିଲେ। ମା’ ରମାଦେବୀ ଚେୟାର ପ୍ରଫେସର ସୁଚେତା ପ୍ରିୟବାଦିନୀ ସ୍ୱାଗତ ଭାଷଣ ଓ ଉପ କୁଳସଚିବ ନବନୀତ କୌର ଧନ୍ୟବାଦ ଦେଇଥିଲେ। ଜ୍ୟୋତିର୍ମୟୀ ଉଦଗାତା ମଞ୍ଚ ପରିଚାଳନା ଓ ଅନିନ୍ଦିତା ଦାସ ସଙ୍ଗୀତ ପରିବେଷଣ କରିଥିଲେ। ଏହି ଅବସରରେ ଆୟୋଜିତ ଏକ ଅଧିବେଶନରେ ନୃତ୍ୟଗୁରୁ ପଦ୍ମଶ୍ରୀ ଅରୁଣା ମହାନ୍ତି, ମା’ ରମାଦେବୀଙ୍କ ନାତି ପ୍ରଫେସର ଜ୍ଞାନଦେବ ମହାରଣା ପ୍ରମୁଖ ମା’ ରମାଦେବୀଙ୍କ ଜୀବନୀ ସମ୍ପର୍କରେ ଆଲୋଚନା କରିଥିଲେ। ଏଥିସହ ବିଶ୍ୱବିଦ୍ୟାଳୟ, ଯୁବ ରେଡକ୍ରସ ଓ ରାଷ୍ଟ୍ରୀୟ ସେବା ଯୋଜନା ସହାୟତାରେ ରକ୍ତଦାନ ଶିବିର ଓ ପୁରୁଣା ସଫା ବସ୍ତ୍ର ପ୍ରଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।



ଜାତୀୟ ଆଲୋଚନାଚକ୍ରରେ ଫିଲ୍ମ ନିର୍ମାତା ତଥା ଅଭିନେତ୍ରୀ ନନ୍ଦିତା ଦାସଙ୍କ ସହ ଅନ୍ୟ ଅତିଥିମାନେ।



ନାଟ୍ୟକାର ସ୍ୱର୍ଗତ ମନୋରଞ୍ଜନ ଦାସଙ୍କ ଜନ୍ମଶତବାର୍ଷିକୀ ଅବସରରେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପରେ ଚାଲିଥିବା ନାଟକ ଉତ୍ସବର ସୋମବାର ଦ୍ୱିତୀୟ ଦିବସରେ ପରିବେଷିତ ନାଟକ ‘ଆଗାମୀ’ର ଏକ ଦୃଶ୍ୟ। (ଫଟୋ– ବିକାଶ ନାୟକ)

# କଟକରେ ଡେଙ୍ଗୁ: ୨ ଦିନରେ ୬ ଆକ୍ରାନ୍ତ

କଟକ, ୨୨।୭(ଶିଳ୍ପା ପ୍ରିୟଦର୍ଶିନୀ)

କଟକ ଜିଲାରେ ଡେଙ୍ଗୁ ବ୍ୟାପୁଛି। ୨ ଦିନ ମଧ୍ୟରେ ଏସ୍‌ସିବି ମେଡିକାଲ କ୍ୟାମ୍ପସ ପରିସରରୁ ୩, ରାଣୀହାଟ ଅଞ୍ଚଳରୁ ଜଣେ ଓ ଜଗତ୍‌ପୁରରୁ ୨ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଏସବୁ ଜନଗହଳିପୂର୍ଣ୍ଣ ସ୍ଥାନରେ ଡେଙ୍ଗୁ ବ୍ୟାପିଲେ ସ୍ଥିତି ନିୟନ୍ତ୍ରଣାଧୀନ ରହିବ ନାହିଁ। ଏଥିପାଇଁ ତୁରନ୍ତ ପଦକ୍ଷେପ ନେବାକୁ ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ନଗର ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ମକରନ୍ଦ ବେଉରା କହିଛନ୍ତି, ଜିଲାରେ ଆକ୍ରାନ୍ତଙ୍କ ସଂଖ୍ୟା ବଢିବାରେ ଲାଗିଛି। ଏନେଇ ଲୋକଙ୍କୁ ସଚେତନ କରାଯାଉଛି। ଏସ୍‌ସିବିରୁ ଚିହ୍ନଟ ହୋଇଥିବା ଆକ୍ରାନ୍ତଙ୍କ ସମ୍ପର୍କରେ ଯାଞ୍ଚ ପରେ ମଙ୍ଗଳବାର ଜଣାପଡିବ ବୋଲି ବେଉରା କହିଛନ୍ତି। ଜିଲାରେ ଜୁଲାଇ ୨୨ ସୁଦ୍ଧା ୩୯ ଡେଙ୍ଗୁ ଆକ୍ରାନ୍ତ ଚିହ୍ନଟ ହୋଇଥିବା ସୂଚନା ଦିଆଯାଇଛି।

# ଲାଲବାଗ ପୋଲିସର ପଚରାଉଚରା

## ପୋଲିସ ଅଫିସର୍ସ କ୍ଲବ୍‌ରେ ତାଲା ପଡ଼ିବା ଘଟଣା

କଟକ,୨୨।୭ (କାର୍ତ୍ତିକ ସାହୁ)

ଓଡ଼ିଶା ଜୁଡିସିଆଲ ଏକାଡେମୀ ଛକ ଅଞ୍ଚଳରେ ଥିବା ପୋଲିସ ଅଫିସର୍ସ କ୍ଲବ୍‌ରେ ତାଲା ପକାଯିବା ଘଟଣାରେ ଲାଲବାଗ ପୋଲିସ ତଦନ୍ତ ଆରମ୍ଭ କରିଛି। ଏହି ଘଟଣା ସହ ସମ୍ପୃକ୍ତ ବିଭିନ୍ନ ବ୍ୟକ୍ତିଙ୍କୁ ସୋମବାର ପଚରାଉଚରା କରାଯାଇଛି। ତେବେ ଉଭୟ ପକ୍ଷରୁ ବୟାନ ଶୁଣିବା ପରେ ପୋଲିସ କାର୍ଯ୍ୟଧାରାର ଦିଗ ସ୍ଥିର ହେବ ବୋଲି ଜଣାପଡ଼ିଛି।

ସୂଚନା ଅନୁସାରେ, ଉକ୍ତ କ୍ଲବ ପରିସରରେ ଥିବା କଲ୍ୟାଣ ମଣ୍ଡପରେ ବର୍ଷତମାମ ବିବାହ, ବ୍ରତ ସହ ଅନ୍ୟାନ୍ୟ କାର୍ଯ୍ୟକ୍ରମ କରାଯାଇ ସେଥିରୁ ଭଡ଼ା ବାବଦରେ ବହୁ ଅର୍ଥ ରୋଜଗାର ହେଉଛି। ହେଲେ ଉକ୍ତ ଅର୍ଥର କୌଣସି ହିସାବ ନାହିଁ। କାହାରିକୁ ମଧ୍ୟ ଏହି ଅର୍ଥ ପ୍ରଦାନ କରା ନ ଯାଇ ବ୍ୟକ୍ତିଗତ ଭାବେ ଉପଯୋଗ କରାଯାଉଛି। ଏନେଇ କେତେଜଣ ପୋଲିସ କର୍ମଚାରୀ ରବିବାର ଉକ୍ତ କ୍ଲବ୍‌ରେ ତାଲା ପକାଇ ଲାଲବାଗ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ୨୦୧୬ରୁ ଉକ୍ତ କ୍ଲବର କର୍ମକର୍ତ୍ତାଙ୍କ କାର୍ଯ୍ୟକାଳ ପୂରିଯିବା ପରେ ନୂତନ କର୍ମକର୍ତ୍ତା ନିର୍ବାଚନ ହୋଇନାହିଁ। ଅପରପକ୍ଷରେ ଧୀରେନ୍ ଦାସ ନାମକ ଜଣେ ପୋଲିସ ଅଧିକାରୀ କ୍ଲବ୍ ଅଧୀନରେ କଲ୍ୟାଣ ମଣ୍ଡପକୁ ପରିଚାଳିତ କରୁଥିଲେ। ସେ କିଛିବର୍ଷ ହେବ ସରକାରୀ ଚାକିରିରୁ ଅବସର ନେଇଥିଲେ ସୁଦ୍ଧା କ୍ଲବ୍ ତଥା କଲ୍ୟାଣ ମଣ୍ଡପର ଦାୟିତ୍ୱ କାହାରିକୁ ହସ୍ତାନ୍ତର କରିନାହାନ୍ତି। ବରଂ ବେଆଇନ ଭାବେ ଉକ୍ତ କଲ୍ୟାଣ ମଣ୍ଡପକୁ ଚଳାଇ ଅର୍ଥ ରୋଜଗାର କରୁଥିବା ଥାନାରେ ଅଭିଯୋଗ ହୋଇଛି। ଅପରପକ୍ଷରେ ଧୀରେନ୍‌ଙ୍କ ପକ୍ଷରୁ ଲାଲବାଗ ଥାନାରେ ମଧ୍ୟ ଏକ ଲିଖିତ ଅଭିଯୋଗ କରାଯାଇଛି। ଏଡିସିପି ଅନିଲ ମିଶ୍ରଙ୍କ କହିବାନୁସାରେ, ଉଭୟ ପକ୍ଷରୁ ଥାନାରେ ୨ଟି ଅଭିଯୋଗ ହୋଇଛି। ଉକ୍ତ ଅଭିଯୋଗ ଆଧାରରେ ପୋଲିସ ତଦନ୍ତ କରୁଛି। ପୋଲିସ ଅଫିସର୍ସ କ୍ଲବ୍‌ରେ କଲ୍ୟାଣ ମଣ୍ଡପ ଚଳାଉଥିବା ବ୍ୟକ୍ତି ଓ ତାଲା ପକାଇଥିବା ବ୍ୟକ୍ତିଙ୍କୁ ଏନେଇ ପଚରାଉଚୁରା କରାଯିବ। ତଦନ୍ତ ଶେଷ ହେବା ପରେ ପଦକ୍ଷେପ ନିଆଯିବ। ସେହିପରି ଲାଲବାଗ ଥାନା ଆଇଆଇସି ଦୟାନିଧି ନାୟକ କହିଛନ୍ତି, ଏହି ଘଟଣା ସହ ସମ୍ପୃକ୍ତ ସମସ୍ତଙ୍କୁ ପଚରାଉଚରା କରାଯାଉଛି। ବିଭିନ୍ନ ଦିଗକୁ ତଦନ୍ତ ପରିସରଭୁକ୍ତ କରାଯାଇଛି।

# ବେଳାଭୂମି ମାର୍ଗରେ ପର୍ଯ୍ୟଟକ ବସ୍ ଦୁର୍ଘଟଣା, ୧୧ ଆହତ

କୋଣାର୍କ,୨୨।୭(ଜ୍ୟୋତିରାଜ ମହାନ୍ତି)

ପୁରୀ– କୋଣାର୍କ ବେଳାଭୂମି ମାର୍ଗ ରାମଚଣ୍ଡୀ ପୀଠ ନିକଟ ଖାଲକଟାପାଟଣା ଛକରେ ସୋମବାର ଏକ ପର୍ଯ୍ୟଟକ ବସ୍ ଦୁର୍ଘଟଣାଗ୍ରସ୍ତ ହୋଇଛି। ବସ୍‌ରେ ଥିବା ୪୨ ଜଣ ପର୍ଯ୍ୟଟକଙ୍କ ମଧ୍ୟରୁ ୮ ଜଣ ଆହତ ହୋଇଥିବାବେଳେ ୩ଜଣ ଗୁରୁତର ହୋଇଛନ୍ତି। ଚିକିତ୍ସା ନିମନ୍ତେ ସେମାନଙ୍କୁ ପୁରୀ ହସ୍ପିଟାଲକୁ ପଠାଯାଇଛି। ମେରାଇନ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ବସ୍‌କୁ ଜବତ କରିବା ସହ ୧୫/୨୪ରେ ଏକ ମାମଲା ରୁଜୁ କରାଯାଇ ଘଟଣାର ତଦନ୍ତ ଜାରି ରହିଥିବା ଥାନା ଆଇଆଇସି ପ୍ରତିମା ସାହୁ ସୂଚନା ଦେଇଛନ୍ତି।

ଛତିଶଗଡ଼ରୁ ଏକ ପର୍ଯ୍ୟଟକ ବସ୍ (ସିଜି ୧୭ କେଭି ୯୫୧୯)ରେ ୪୨ ଜଣ ପର୍ଯ୍ୟଟକ କୋଣାର୍କ ବୁଲିବାକୁ ଆସିଥିଲେ। ସୋମବାର ପୂର୍ବାହ୍ନରେ ବେଳାମାର୍ଗ ଖାଲକଟାପାଟଣା ନିକଟ ରାସ୍ତାପାର୍ଶ୍ୱରେ ଏକ ବରଗଛକୁ ବସ୍‌ଟି ଭାରସାମ୍ୟ ହରାଇ ଧକ୍କା ଦେଇଥିଲା। ଫଳରେ ବସ୍ ସମ୍ମୁଖ ଭାଙ୍ଗି ଚୂରମାର ହୋଇଥିଲା। ସ୍ଥାନୀୟ ଲୋକଙ୍କ ସହାୟତାରେ ତୁରନ୍ତ ଦମ୍ପାହାର ଅଗ୍ନିଶମ ବିଭାଗ ଓ ଆମ୍ବୁଲାନ୍ସ ଡକାଯାଇ ଆହତଙ୍କୁ ବସ୍ ଭିତରୁ ଉଦ୍ଧାର କରି ପୁରୀ ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିଲା।



# କେନାଲକୁ ଓଲଟିଲା କାର: ଜଣେ ମୃତ

## ମା’ବାପାଙ୍କୁ ଭୁବନେଶ୍ୱର ନେବା ଇଚ୍ଛା ଅଧାରେ ରହିଲା

ମାହାଙ୍ଗା,୨୨।୭(ଯଯାତି ସିଂହ)

କଟକ ଜିଲା ମାହାଙ୍ଗା ଥାନା ଅନ୍ତର୍ଗତ ଭେଡା ନିକଟସ୍ଥ ପଟ୍ଟାମୁଣ୍ଡାଇ କେନାଲକୁ ଏକ ଚଳନ୍ତା କାର ଖସିପଡ଼ିଛି। ଫଳରେ ପାଣିରେ ବୁଡିଗାଡିଚାଳକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଏହି ଥାନା ଅନ୍ତର୍ଗତ ସାହପୁର ପଞ୍ଚାୟତସ୍ଥିତ ଅରିଲୋ ଗ୍ରାମର ବ୍ରହ୍ମାନନ୍ଦ ରାଉତଙ୍କ ପୁଅ ଅନିଲ ରାଉତ (୪୯)। ସେ ଭୁବନେଶ୍ୱରରେ ରୁହନ୍ତି। ସୋମବାର ଅପରାହ୍ନରେ ମା’ବାପାଙ୍କୁ ଗାଁରୁ ଭୁବନେଶ୍ୱର ନେବା ପାଇଁ ଅନିଲ ତାଙ୍କ କାର୍‌ରେ ପାଗା କୁଆଁପାଳ ପୂର୍ତ୍ତ ରାସ୍ତାରେ ଆସୁଥିବା ବେଳେ ଏହି ଦୁର୍ଘଟଣା ଘଟିଥିଲା। ଫଳରେ ମା’ବାପାଙ୍କୁ ଭୁବନେଶ୍ୱର ନେବା ଇଚ୍ଛା ଅଧା ରହିଯାଇଛି।

ଭେଡା–ବରାହିପୁର ମଧ୍ୟସ୍ଥଳୀରେ କାର୍‌ଟି ଭାରସାମ୍ୟ ହରାଇ ପଟ୍ଟାମୁଣ୍ଡାଇ କେନାଲକୁ ଓଲଟି ପଡିଥିଲା। ଫଳରେ ଗାଡିଟି ପାଣିରେ ଭାସିଯିବା ସହ ବୁଡ଼ିବାକୁ ଆରମ୍ଭ କରିଥିଲା। ନିକଟରେ କାମ କରୁଥିବା ଚାଷୀମାନେ ଏହା ଦେଖି ଘଟଣାସ୍ଥଳରେ ପହଞ୍ଚି ଦଉଡି ସାହାଯ୍ୟରେ କାରକୁ ବାନ୍ଧି ଅଟକାଇ ଥିଲେ। ଏଥିସହ ଗାଡିର ପଛ କାଚ ଭାଙ୍ଗି ଅନୀଲଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରିଥିଲେ। କୁଆଁପାଳ ଦମକଳ ବାହିନୀ ସାହାଯ୍ୟରେ ତାଙ୍କୁ ମାହାଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ଅନିଲଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଖବରପାଇ ମାହାଙ୍ଗା ପୋଲିସ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ମୃତଦେହ ଜବତ କରିଛି। ଅପରପକ୍ଷେ ଦମକଳ ବାହିନୀ କର୍ମଚାରୀ ଓ ସ୍ଥାନୀୟ ଗ୍ରାମବାସୀଙ୍କ ସହଯୋଗରେ କାରକୁ ପାଣିରୁ ଉପରକୁ ଅଣାଯାଇଥିଲା। ।

# ଅଗଷ୍ଟ ୧୯ରୁ ଆର୍ଯ୍ୟ ସମାଜରେ ଶ୍ରାବଣୀ ଉପାକର୍ମ



ଶ୍ରାବଣୀ ଉପାକର୍ମ ଆୟୋଜନ ନେଇ ଅନୁଷ୍ଠିତ ବୈଠକ।

ଭୁବନେଶ୍ୱର, ୨୨।୭ (ବନ୍ଦନା ସେଠୀ)

ଆର୍ଯ୍ୟସମାଜ ପକ୍ଷରୁ ଅଗଷ୍ଟ ୧୯ ଶ୍ରାବଣ ପୂର୍ଣ୍ଣିମାଠାରୁ ୨୬ ତାରିଖ ଜନ୍ମାଷ୍ଟମୀ ପର୍ଯ୍ୟନ୍ତ ୮ଦିନ ଧରି ଶ୍ରାବଣୀ ଉପାକର୍ମ ଅନୁଷ୍ଠିତ ହେବ। ବେଦ ସପ୍ତାହ ଭାବେ ପାଳିତ ହେବାକୁ ଥିବା ଏହି ମହୋତ୍ସବରେ ବହୁ ବୈଦିକ ବିଦ୍ୱାନ ଓ ସନ୍ନ୍ୟାସୀମାନେ ପ୍ରବଚନ ଦେବେ। ଏଥିସହ ବିଭିନ୍ନ ଦିବସରେ ବୁଦ୍ଧିଜୀବୀ, ସାହିତ୍ୟିକ, ଶିକ୍ଷାବିତ୍, ରାଜନେତା ଓ ଗବେଷକମାନେ ଅତିଥି ଭାବେ ଯୋଗଦେବେ। ସେହିଭଳି ୨୦ରୁ ୨୫ ତାରିଖ ପର୍ଯ୍ୟନ୍ତ ସହରର ୧୦ଟି ସ୍ଥାନରେ ସାମୂହିକ ବେଦପାଠ, ଯଜ୍ଞାନୁଷ୍ଠାନ ଓ ପ୍ରବଚନ କାର୍ଯ୍ୟକ୍ରମ କରାଯିବ ବୋଲି ଆୟୋଜିତ ବୈଠକରେ ସୂଚନା ଦିଆଯାଇଛି। ଭୁବନେଶ୍ୱର ଆର୍ଯ୍ୟସମାଜର ପ୍ରତିଷ୍ଠାତା ତଥା ସଭାପତି ବେଦ ଗବେଷକ ଇଂ. ପ୍ରିୟବ୍ରତ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଉପସଭାପତି ଇଂ. ବ୍ରଜବନ୍ଧୁ ପଣ୍ଡା, ସମ୍ପାଦକ ବୀରେନ୍ଦ୍ର କର, ସହସମ୍ପାଦକ ଶନ୍ତୋଦେବୀ ପ୍ରମୁଖ ଉପସ୍ଥିତ ରହି ଏ ସମ୍ପର୍କରେ ସୂଚନା ଦେଇଥିଲେ।

